Digitized by srujanika@gmail.com

ଛଅଟି ଗଛ ଚବିଶ ଫୁଲ

ଶ୍ରୀ ରାମକୃଷ୍ଣ ନନ୍ଦ

୧ । କୁହୁକ-କୁଞ୍ଜ
(ଜୈନ ନୀତିଗଳ୍ପ)

୨ । ଗୁରୁଭକ୍ତ ଉତଙ୍କ
(ପୁରାଣ କଥା)

୩ । ହୃଦୟ ବଦଳ
(ଜୈନ ନୀତିଗଳ୍ପ)

୪ । ଜୀଅନ୍ତା କଣ୍ଢେଇ
(ଜାପାନୀ ଲୋକକଥା)

୫ । ଭକ୍ତର ଭଗବାନ
(ମହାରାଷ୍ଟ୍ରୀୟ କିମ୍ବଦନ୍ତୀ)

୬ । ଏକା ପାହାରରେ ସାତଟା
(ବିଦେଶୀୟ ଲୋକକଥା)

ପ୍ରକାଶକ :
ଶିଶୁସାଥୀ ପୁସ୍ତକମାଳା
C/o. ସଂସାର ପ୍ରେସ୍
କଟକ-୯

ପଞ୍ଚମ ମୁଦ୍ରଣ :
୧୯୯୧

ଚିତ୍ରାଙ୍କନ :
ଫକୀର ମୋହନ ମଲ୍ଲିକ

ମୁଦ୍ରଣ
ସଂସାର ପ୍ରେସ
କଟକ-୭୫୩୦୦୯

Digitized by srujanika@gmail.com

କୁହୁକ କୁଞ୍ଜ

ପାଟଳୀପୁତ୍ର ସହରଠାରୁ କିଛିଦୂରରେ ମାୟାପୁର ଗ୍ରାମ । ସେହି ଗ୍ରାମରେ ଅଗ୍ନିଶର୍ମା ନାମରେ ଜଣେ ଲୋକ ଥିଲେ । ତାଙ୍କର ଏକମାତ୍ର କନ୍ୟାର ନାମ ବିଦ୍ୟୁତ୍‌ପ୍ରଭା । ବିଦ୍ୟୁତ୍‌ପ୍ରଭାକୁ ଯେତେବେଳେ ଆଠବର୍ଷ ବୟସ, ସେତେବେଳେ ତାର ମା ସଂସାର ଛାଡ଼ି ଚାଲିଗଲେ । ତେଣୁ ସେହିଦିନ ତାକୁ ଘରକାମରେ ମନ ଦେବାକୁ ହେଲା । ପ୍ରଥମେ ତାର ବାପା ତାକୁ କୌଣସି ଭାରି କାମ କରିବାକୁ ଦେଉ ନ ଥିଲେ, କିନ୍ତୁ ତାର ବୟସ ବଢ଼ିବା ସଙ୍ଗେ ସଙ୍ଗେ ଅଧିକ ଦାୟିତ୍ୱ ତା ଉପରେ ପଡ଼ିଲା । ଘରର ଅନ୍ୟାନ୍ୟ କାମ ସାଙ୍ଗକୁ ତାକୁ ପୁଣି ଗାଈ ଜଗିବାକୁ ହୁଏ । ଦିନେ ସେ ଅଗ୍ନିଶର୍ମାଙ୍କୁ କହିଲା, "ବାପା, ତୁମେ ଆଉ ଥରେ ବିବାହ କରୁନା କାହିଁକି ? ଏତେ କାମ କରିବାକୁ ମତେ କଷ୍ଟ ହେଉଛି ।" ଝିଅ ମୁହଁରୁ ଝାଳ ପୋଛି ଦେଉଁ ଦେଉଁ ଅଗ୍ନିଶର୍ମା କହିଲେ, "ହଁ ମା, ମୁଁ ଜାଣୁଛି ତତେ ଖୁବ୍ କଷ୍ଟ ହେଉଥିବ, କିନ୍ତୁ........."

ବିଦ୍ୟୁତ୍‌ପ୍ରଭା କହିଲା, "ତୁମେ ଯାହା ଭାବୁଛ, ମୁଁ ବୁଝିପାରୁଛି । ମୁଁ ନୂଆ ମା' ପାଖରେ ବେଶ୍ ଚଳିପାରିବି ।" ଅଗ୍ନିଶର୍ମା ସବୁ କଥା ବିଚାର କରି ପୁଣି ଥରେ ବିବାହ କଲେ । ବର୍ଷକପରେ ତାଙ୍କର ଆଉ ଗୋଟିଏ ଝିଅ ହେଲା । ତା ନାଁ ସୁଭଦ୍ରା, କିନ୍ତୁ ବିଦ୍ୟୁତ୍‌ପ୍ରଭା ଯାହା କାମରୁ ଛୁଟି ପାଇବ ବୋଲି ଭାବିଥିଲା, ତା ହେଲା ନାହିଁ । ତା ନୂଆ ମା ରଜନୀ ତାକୁ ଚାକରାଣୀ ପରି ଖଟେଇଲା । ଖରାବେଳେ ଗାଈ ପଛରେ ଧାଇଁ ଧାଇଁ ବିଦ୍ୟୁତ୍‌ପ୍ରଭା ଭାବେ, "ମୁଁ ମହରଗରୁ ଆସି କାନ୍ତାରରେ ପଡ଼ିଲି । ହଉ, ପ୍ରଭୁଙ୍କର ଯାହା ଇଚ୍ଛା ।"

ଦିନେ ବିଦ୍ୟୁତ୍‌ପ୍ରଭା ଗାଈ ଛାଡ଼ିଦେଇ ଗଛମୂଳେ ବସିଛି, ଦେଖିଲା ଗୋଟିଏ ସାପ ତା ଆଡ଼କୁ ମାଡ଼ିଆସୁଛି । ସେ ଭୟରେ ଉଠିପଡ଼ି କଣ କରିବ ଭାବୁଛି, ସାପଟା କହିଲା, "ଡରନା ଝିଅ, ମୁଁ ତୋର କିଛି ଅନିଷ୍ଟ କରିବି ନାହିଁ । ଦୁଇଟା କେଳା ମତେ ଧରିନେବା ପାଇଁ ଆସୁଛନ୍ତି । ତୁ ଟିକିଏ ଆଶ୍ରୟ ଦେଲେ ରକ୍ଷା ପାଇଯିବି ।" ବିଦ୍ୟୁତ୍‌ପ୍ରଭା ଭାବିଲା, "ଏ ସାଧାରଣ ସାପ ନୁହେଁ । ମଣିଷ ପରି କଣ କଥା କହୁଚି । ଯାହାହେଉ ପଛେ, ଯେତେବେଳେ ବିପଦରେ ପଡ଼ି ମୋ ଆଶ୍ରୟ ଚାହୁଁଚି, ମୁଁ ଏହାକୁ କୋଳଭିତରେ ଲୁଚେଇ ଦିଏଁ ।" ସେ କୋଳ ଦେଖାଇବା ମାତ୍ରେ ସାପଟା ତା ଭିତରେ ଜାକିଜୁକି ହୋଇ ପଶିଗଲା ।

Digitized by srujanika@gmail.com

ସତକୁ ସତ ଟେଙ୍ଗା ଧରି ଦୁଇଟା କେଳା ଆସି ପହଞ୍ଚିଗଲେ । ଜଣେ ବିଦ୍ୟୁତ୍‌ପ୍ରଭାକୁ ପଚାରିଲା, "ସାପଟାଏ ଏବାଟେ ଯିବାର ଦେଖିଛୁ କି ଲୋ ମା ?" ସେ ମୁଣ୍ଡ ହଲାଇ ନାହିଁ କରିବାରୁ ଅନ୍ୟ ଜଣେ କହିଲା, "ସାପ ଦେଖିଥିଲେ ସେ ଏମିତି ଚୁପ୍ ହୋଇ ବସିଥାନ୍ତା ? କୁଆଡ଼େ ଖସିଗଲା କି ଗାତରେ ପଶିଗଲା । ଚାଲ ଯିବା ।"

କେଳାଦୁହେଁ ଚାଲିଯିବାରୁ ବିଦ୍ୟୁତ୍‌ପ୍ରଭା ଆଣ୍ଠୁ ଟେକି କୋଳକୁ ଚାହିଁଲା । କିନ୍ତୁ କି ଆଶ୍ଚର୍ଯ୍ୟ ! 'ସାପଟା ଗଲା କୁଆଡ଼େ ? କେଳାମାନେ କୁହୁକ କରି ତାକୁ ଉଡ଼େଇ ନେଲେ କି ଆଉ ?'

ଶୂନ୍ୟରୁ ଶବ୍ଦ ଶୁଭିଲା, "ନା ମା, କେଳା କୁହୁକ କରିନାହାନ୍ତି, ମୁଁ କରିଛି । ଜୀବପ୍ରତି ତୋର ଦୟା ଏବଂ ସାହସ ଦେଖି ମୁଁ ସନ୍ତୁଷ୍ଟ । ତୁ ଯାହା ବର ମାଗିବୁ, ମୁଁ ଦେବି ।" ଶବ୍ଦ ଆସୁଥିବା ଦିଗକୁ ଚାହିଁ ବିଦ୍ୟୁତପ୍ରଭା ଦେଖିଲା ଦେବପୁରୁଷ ଭଳି ଜଣେ କିଏ ଠିଆ ହୋଇଛନ୍ତି । ସେ ତାଙ୍କୁ ହାତ ଯୋଡ଼ି କହିଲା, "ହେ ଦେବତା, ଯଦି ଦୟାକଲ, ତେବେ ମୋ ଗାଈଙ୍କ ଉପରେ ଗୋଟିଏ ତୋଟା କରିଦିଅ, ଯେପରି ସେମାନଙ୍କୁ ଖରତାପ ବାଧିବ ନାହିଁ ।" ଦେବତା ହସିଲେ 'କି ଦୟା ଏ ଝିଅର ! ନିଜପାଇଁ କିଛି ନମାଗି ଗାଈଙ୍କ ପାଇଁ ମାଗୁଛି ।' କହିଲେ, "ଅଚ୍ଛା ହେଲା, ଏଇ ତୋଟା ଦେଖ୍ । ତୁ ବାହାରି ତୁ ଯୁଆଡ଼େ ଯାଉଥିବୁ, ଏ ତୋଟା ଘୁଞ୍ଚି ଘୁଞ୍ଚି ତୋ ସାଙ୍ଗେ ଯାଉଥିବ । ଆଉ ଶୁଣ୍, ଯଦି କେବେ ବିପଦରେ ମତେ ଡାକିବୁ ମୁଁ ତତେ ସାହାଯ୍ୟ କରିବି ।" ଏହା କହି ଦେବପୁରୁଷ ଅଦୃଶ୍ୟ ହୋଇଗଲେ । ବିଦ୍ୟୁତ୍‌ପ୍ରଭା ମୁହଁ ଫେରାଇ ଦେଖେ ଛାୟାପୂର୍ଣ୍ଣ ଏକ ସୁନ୍ଦର କୁଞ୍ଜ ଭିତରେ ସେ ବସିଛି ଏବଂ ତା ଗାଈମାନେ ଚାରିପଟେ ଚରୁଛନ୍ତି । ନାନା ପ୍ରକାର ଫୁଲ ଓ ପାଚିଲା ଫଳରେ ଗଛର ଡାଳଗୁଡ଼ିକ ପୂର୍ଣ୍ଣ ହୋଇଛି । ସେ ତା ଆଖିକୁ ବିଶ୍ୱାସ କରିପାରିଲା ନାହିଁ । ସବୁ ଘଟଣା ତାକୁ କୁହୁକ ପରି ଲାଗୁଥାଏ । ମନେ ମନେ

Digitized by srujanika@gmail.com

ଦେବତାଙ୍କୁ ଧନ୍ୟବାଦ ଦେଇ ସେ ଦୁଇ ଗୁଟେଟି ଫଳ ଛିଣ୍ଡାଇ ଖାଇଲା ଏବଂ ଗଛର ଶୀତଳ ଛାଇରେ ଘୁମେଇ ପଡ଼ିଲା ।

ଏହି ସମୟରେ ପାଟଳୀପୁତ୍ରର ରାଜା ପାତ୍ରମନ୍ତ୍ରୀ ସହ ସେହିବାଟେ ଯାଉଥିଲେ । ତୋଟା ଛାଇରେ କିଛି ସମୟ ବିଶ୍ରାମ କରିବାକୁ ଇଚ୍ଛା କରି ସେ ଘୋଡ଼ାରୁ ଓହ୍ଲାଇଲେ । ରାଜାଙ୍କର ଲୋକମାନଙ୍କୁ ଦେଖି ବିଦ୍ୟୁତ୍‌ପ୍ରଭାର ଗାଈମାନେ ହୁରୁଡ଼ି ପଳାଇବାରୁ ତାର ନିଦ ଭାଙ୍ଗିଗଲା ଏବଂ ସେ ଗାଈଙ୍କ ପଛରେ ଦଉଡ଼ିବାକୁ ଲାଗିଲା । ହଠାତ୍ ତୋଟାଟା ସେଠାରୁ ଘୁଞ୍ଚିଯାଉଥିବାର ଦେଖି ରାଜା ଓ ତାଙ୍କ ଲୋକମାନେ 'କଣ ହେଲା' ବୋଲି ପାଟି କରିଉଠିଲେ । ସେମାନେ ଦେଖିଲେ ଝିଅଟାଏ ଗାଈମାନଙ୍କ ପଛରେ ଧାଇଁଛି ଏବଂ ତୋଟାଟା ତା ସାଙ୍ଗରେ ଘୁଞ୍ଚି ଘୁଞ୍ଚି ଯାଉଛି । ରାଜା ଆଶ୍ଚର୍ଯ୍ୟ ହୋଇ ସେ ବାଳିକାକୁ ଡାକି ଆଣିବା ପାଇଁ ଲୋକ ପଠାଇଲେ ।

ରାଜାଙ୍କ ଡାକରା ପାଇ ବିଦ୍ୟୁତ୍‌ପ୍ରଭା ଫେରି ଆସିଲା ଏବଂ କିଛି ଦୂରରେ ଠିଆ ହୋଇ ରହିଲା । ଦେବତାଙ୍କ ଦର୍ଶନ ପାଇବା ପରଠାରୁ ତା ରୂପରେ ଏକ ଅପୂର୍ବ ଲାବଣ୍ୟ ଫୁଟି ଉଠୁଥିଲା । ରାଜା ତାକୁ ଦେଖି ଭାବିଲେ, 'ଏ ସ୍ୱର୍ଗର ଅପ୍‌ସରା ନା କଣ ? ସେ ଯେ ହେଉ, ମୋର ରାଣୀ ହେବା ଯୋଗ୍ୟ । ଏପରି ଝିଅ ଯଦି ଗାଈ ଜଗିବ, ତେବେ ରାଣୀ ହେବ କିଏ ?'

Digitized by srujanika@gmail.com

ମନ୍ତ୍ରୀ ଏ ବିଷୟ ବିଦ୍ୟୁତ୍‌ପ୍ରଭାଙ୍କୁ ଜଣାଇବାରୁ ସେ ମୁହଁ ତଳକୁ ପୋତି କହିଲା, "ମୋ ବାପାଙ୍କ ସଙ୍ଗେ ଏ ବିଷୟରେ କଥାବାର୍ତ୍ତା କରନ୍ତୁ ।" ତାଠାରୁ ତା ଘରର ଠିକଣା ନେଇ ମନ୍ତ୍ରୀ ମାୟାପୁର ଗ୍ରାମରେ ଅଗ୍ନିଶର୍ମାଙ୍କୁ ଦେଖା କଲେ ଏବଂ ରାଜାଙ୍କ ସହିତ ତାଙ୍କ କନ୍ୟାର ବିବାହ ପ୍ରସ୍ତାବ ଶୁଣାଇଲେ । ଅଗ୍ନିଶର୍ମା ଭାବିଲେ ବୋଧହୁଏ ପାଗଳ ଲୋକଟାଏ ତାଙ୍କ ଘରକୁ ପଶି ଆସିଛି । ସେ କିଛି ନ ବୁଝିଲାପରି ମନ୍ତ୍ରୀଙ୍କ ମୁହଁକୁ ଜଳଜଳ କରି ଚାହିଁବାରୁ, ମନ୍ତ୍ରୀ ସମସ୍ତ ଘଟଣା ବର୍ଣ୍ଣନା କରି କହିଲେ, "ରାଜା ତୋଟାରେ ଆପଣଙ୍କୁ ଅପେକ୍ଷା କରିଛନ୍ତି ।" ଅଧିକ କଥାବାର୍ତ୍ତା ନ କରି ଉଭୟେ ରାଜାଙ୍କ ନିକଟରେ ପହଞ୍ଚିଲେ । ଅଗ୍ନିଶର୍ମାଙ୍କୁ ଦେଖି ରାଜା କହିଲେ, "ମୁଁ ଅପଣଙ୍କ କନ୍ୟାକୁ ବିବାହ ହେବାକୁ ଚାହେଁ ।"

"ମନ୍ତ୍ରୀ ମତେ ସେହି କଥା କହୁଥିଲେ । ସେ ମୋର ପରମ ଭାଗ୍ୟ, ମହାରାଜ ।" ଅଗ୍ନି-ଶର୍ମାଙ୍କଠାରୁ ଏ ଉତ୍ତର ପାଇ ରାଜା ପୁଣି କହିଲେ, "ମୋ ରାଣୀଙ୍କ ପିତା ଅଭାବରେ ରହିଲେ ମୋତେ ସୁଖ ଲାଗିବ ନାହିଁ । ତେଣୁ ମୁଁ ଆପଣଙ୍କ ପାଇଁ ବାରଟି ଗ୍ରାମର ରାଜସ୍ୱ ଆଜିଠାରୁ ଖଞ୍ଜା କରିଦେଉଛି ।"

ରାଜା ବିଦ୍ୟୁତ୍‌ପ୍ରଭାଙ୍କୁ ନେଇ ପାଟଳୀପୁତ୍ର ଚାଲିଗଲେ । ସେ ରାଜଧାନୀରେ ପହଞ୍ଚିବା ପର୍ଯ୍ୟନ୍ତ ଚଳନ୍ତା ତୋଟାଟି ତା ମୁଣ୍ଡଉପରେ ଛାୟା କରି ଯାଉଥିଲା । ବିବାହପରେ ରାଜା ତାର ନାମ ରଖିଲେ 'ବନଶୋଭା' । ଏତେଦିନେ ମାତୃହୀନା ବିଦ୍ୟୁତ୍‌ପ୍ରଭା ଦୁଃଖକଷ୍ଟରୁ ମୁକ୍ତି ପାଇ ମହାସୁଖରେ କାଳ କାଟିଲା ।

ତେଣେ କିନ୍ତୁ ରଜନୀ ମନରେ ଭଲେ ହେଲେ ସୁଖ ନ ଥିଲା । ଦୁଇ ଭଉଣୀଙ୍କର ଭାଗ୍ୟକୁ ତୁଳନା କରି ସେ ହିଂସାରେ ଜଳି ଯାଉଥାଏ । ସୁଭଦ୍ରା ରାଣୀ ନ ହେଲେ ସେ ଶାନ୍ତି ପାଇବ ନାହିଁ । କିନ୍ତୁ ବନଶୋଭା ବଞ୍ଚିଥିବା ଯାଏ ତା କ'ଣ ସମ୍ଭବ ? ଅନେକ ଭାବି ଭାବି ସେ ଏକ ଉପାୟ ପାଇଲା । ସ୍ୱାମୀଙ୍କୁ ଡାକି କହିଲା, "ବନଶୋଭା ପାଖକୁ ଏ ପର୍ଯ୍ୟନ୍ତ କିଛି ଗୋଟାଏ ଜିନିଷ ପଠାଇଲ ନାହିଁ ?" "ସେ ପରା ରାଣୀ ହୋଇଛି, ତାର ଅଭାବ କଣ ?" ସ୍ୱାମୀଙ୍କଠାରୁ ଏ ଉତ୍ତର ଶୁଣି ସେ ପୁଣି କହିଲା, "ଯେତେହେଲେ ବାପଘର ଜିନିଷକୁ କାହାର ଆଶା ନ ଥାଏ ? ମୁଁ କିଛି ମିଠେଇ ତିଆରି କରିଦେବି । କାଲି ନେଇ ତାକୁ ଦେଇ ଆସ । ଆଉ ଶୁଣ, ତାକୁ କହିବ କାହାକୁ ନ ଦେଇ ସେ ନିଜେ ସବୁତକ ଖାଇବ ।

Digitized by srujanika@gmail.com

ରଜନୀ ରାତିରେ କିଛି ମିଠେଇ ତିଆରି କରି ସେଥିରେ ବିଷଗୋଳେଇ ସକାଳୁ ତା ସ୍ୱାମୀହାତରେ ଦେଲା । ଅଗ୍ନି-ଶର୍ମା ମିଠେଇ ଡବାଟି ଧରି ପାଟଳୀପୁତ୍ର ଯାତ୍ରାକଲେ । ଚାଲି ଚାଲି ହାଲିଆ ଲାଗିବାରୁ ବାଟରେ ଗୋଟିଏ ଗଛମୂଳେ ଟିକିଏ ଢୁମେଇ ପଡ଼ିଲେ । ସେହି ସମୟରେ ଜଣେ ଯକ୍ଷ କୁଆଡ଼ୁ ଆସି ଡବାରୁ ବିଷମିଠେଇ କାଢ଼ିନେଇ ତା ଭିତରେ ଭଲ ମିଠେଇ ରଖିଦେଇଗଲେ ।

ଅଗ୍ନିଶର୍ମା ରାଜଧାନୀରେ ପହଞ୍ଚି ରାଜାଙ୍କ ହାତରେ ଡବାଟି ଦେଇ କହିଲେ, "ଝିଅପାଇଁ ତା ମା ମିଠେଇ ପଠାଇଛି ।" ରାଜା ଖୁସି ହୋଇ ଡବାଟି ନେଲେ ଏବଂ ବହୁତ ଧନରତ୍ନ ଦେଇ ଅଗ୍ନିଶର୍ମାଙ୍କୁ ବିଦାୟ ଦେଲେ ।

ରଜନୀ ଏଣେ ଚାତକ ପରି ଚାହିଁ ବସିଛି କେଉଁଦିନ ବନଶୋଭାର ମୃତ୍ୟୁ ସମ୍ବାଦ ଆସିବ । ଅପେକ୍ଷା କରି କରି କିଛି ଖବର ନ ଆସିବାରୁ ଭାବିଲା ସେ ବିଷ ବୋଧହୁଏ କାମ ଦେଲା ନାହିଁ । ଆହୁରି କଡ଼ା ବିଷର ମିଠେଇ ତିଆରି କରିବାକୁ ହେବ । ସେହି ଦିନ ରାତିରେ ମିଠେଇ କରି ତା ପରଦିନ ସ୍ୱାମୀ ହାତରେ ପଠାଇଲା । ମାତ୍ର ଏଥର ମଧ୍ୟ ଯକ୍ଷ ସେହିପରି କୂଟ କଲେ, ତେଣୁ ତା କୌଶଳ ପଣ୍ଡ ହେଲା ।

ଖବରକୁ ଚାହିଁ ଚାହିଁ ରଜନୀ ହତାଶ ହେଲା । ସେ ସ୍ୱାମୀଙ୍କଠାରୁ ଶୁଣିଥିଲା, ବନଶୋଭା ଗର୍ଭବତୀ ଅଛି । ତେଣୁ ଏଥର ସେ ତାର କୌଶଳ ବଦଳାଇ ତାଙ୍କୁ କହିଲା, "ଯାଅ ରାଜାଙ୍କୁ କହିବ, ବନଶୋଭାକୁ ତୁମ ସାଙ୍ଗରେ କିଛି ଦିନ ପାଇଁ ପଠାଇବେ । ସେ ଏହିଠାରେ ପ୍ରସବ କରିବ । ଏଇଟା ଆମ ସମାଜର ନିୟମ । କୌଣସିମତେ ତାଙ୍କୁ ରାଜି କରାଇବ ।" ଏହା କହି ପୂର୍ବାପେକ୍ଷା ଆହୁରି ଉତ୍କଟ ବିଷଗୋଳା ମିଠେଇ ସ୍ୱାମୀଙ୍କ ହାତରେ ଦେଇ ତାଙ୍କୁ ପଠାଇଦେଲା । ଏଣେ କୂଅ ଖୋଳାବାଲାଙ୍କୁ ଡକାଇ ବାଡ଼ିରେ ଗୋଟାଏ କୂଅ ଖୋଳି ଅପେକ୍ଷା କରି ରହିଲା ।

Digitized by srujanika@gmail.com

ଅଗ୍ନି ଶର୍ମା ବାଟରେ ବିଶ୍ରାମ ନେଲାବେଳେ ଯକ୍ଷ ପୂର୍ବପରି ଆସି ମିଠେଇ ବଦଳାଇ ଦେଇ ଚାଲିଗଲେ । ଅଗ୍ନି ଶର୍ମା ରାଜାଙ୍କୁ ଭେଟି ମିଠେଇ ଉପହାର ଦେଇ ତାଙ୍କୁ ନଜର ଆସିବା ଉଦ୍ଦେଶ୍ୟ ଜଣାଇଲେ । ରାଜା ପ୍ରଥମେ ବନଶୋଭାକୁ ଛାଡ଼ିବାକୁ ରାଜି ହେଉ ନ ଥିଲେ, କିନ୍ତୁ ଅଗ୍ନିଶର୍ମା ଜିଦ୍ ଧରି ବସିବାରୁ ତାଙ୍କୁ ବାଧ୍ୟ ହୋଇ ପଠାଇଦେଲେ ।

ଘରେ ପହଞ୍ଚିବାପରେ ବନଶୋଭାର ଗୋଟିଏ ପୁଅ ଜନ୍ମହେଲା । ରଜନୀ ଉପରେ ଉପରେ ଖୁସିଭାବ ଦେଖାଉଥାଏ । ଦିନେ ସେ ବନଶୋଭାକୁ କୂଅମୂଳକୁ ଡାକିନେଇ ପଛରୁ ପେଲିଦେଲା । ସେତିକିବେଳେ ବନଶୋଭା ଦେବତାଙ୍କୁ ସ୍ମରଣ କରିବାରୁ ସେ ତାକୁ ଦୁଇ ହାତରେ ଆଶ୍ରୟ ଦେଇ କହିଲେ,"ମୁଁ ଜାଣେ ଏ ତୋ ଭଉଣୀର କାର୍ଯ୍ୟ । ସେ ତାର ଫଳ ଭୋଗିବ, କିନ୍ତୁ ତୁ ଦୁଃଖ କରନା । ଏ କୂଅ ତଳେ ମୁଁ ତୋ ପାଇଁ ଗୋଟିଏ ସୁନ୍ଦର ଘର କରିଦେଇଛି । ତୁ ସେଇଠି ବର୍ତ୍ତମାନ ରହିବୁ ।"

ଏଥି ମଧ୍ୟରେ ରାଣୀଙ୍କୁ ନେବାପାଇଁ ଦାସୀମାନଙ୍କ ସହ ପାଟଲୀପୁତ୍ରର ମନ୍ତ୍ରୀ ଅଗ୍ନିଶର୍ମାଙ୍କ ଘରେ ଉପସ୍ଥିତ ହେଲେ । ତାହା ଦେଖି ରଜନୀ ସୁଭଦ୍ରା କୋଳରେ ବନଶୋଭାର ଶିଶୁପୁତ୍ରଟିକୁ ବସାଇଦେଲା ଏବଂ ମୁଣ୍ଡରେ ହାତମାରି କହିଲା, "ହାୟରେ ପୋଡ଼ା କପାଳ ! ରାଜା କଣ ଭାବିବେ ? କିଏ ମନ୍ତ୍ରଯନ୍ତ୍ର କରି ମୋ ଝିଅ ରୂପକୁ ଏପରି ବଦଳାଇ ଦେଲା ?" ଦାସୀମାନେ ମଧ୍ୟ ସୁଭଦ୍ରାକୁ ପ୍ରକୃତ ରାଣୀ ମନେକରି ସେହିପରି କହିଲେ । ମନ୍ତ୍ରୀଙ୍କ ଆଦେଶରେ ଶିଶୁ ରାଜପୁତ୍ରସହ ତାଙ୍କୁ ସବାରିରେ ବସାଇ ସମସ୍ତେ ରାଜଧାନୀକୁ ଯାତ୍ରା କଲେ ।

ରାଜା ଶିଶୁପୁତ୍ରକୁ ଦେଖି ଯେତିକି ଖୁସି ହେଲେ, ରାଣୀଙ୍କୁ ଦେଖି ସେତିକି ଆଶ୍ଚର୍ଯ୍ୟ ହେଲେ । ତାଙ୍କ ଚେହେରା ଏତେ ବଦଳି ଯାଇଛି କେମିତି ! ସୁଭଦ୍ରା କହିଲା, "ମୁଁ ଏକ ଅଦ୍ଭୁତ ରୋଗରେ ପଡ଼ିଗଲି ।" ରାଜା ପଚାରିଲେ, "ତୁମ ମୁଣ୍ଡଉପରେ ଯେଉଁ ଚୋଟାଟି ଯା'ଆସ କରୁଥିଲା ସେ କାହିଁ ?" ସୁଭଦ୍ରା କିଛି କହି ନ ପାରିବାରୁ ରାଜାଙ୍କ ମନରେ ସନ୍ଦେହ ଜାତହେଲା ।

ପୁଅକୁ ନ ଦେଖି ତେଣେ ବନଶୋଭାର ମନ ବିକଳ ହେଉଥାଏ । ସେ ଦେବତାଙ୍କୁ ତାଙ୍କ ମନ କଥା ଜଣାଇବାରୁ ସେ କହିଲେ, "ହଉ ତେବେ, ମୁଁ ଆଜ ରାତିରେ ତତେ ପୁଅ-ପାଖକୁ ନେଇଯିବି, କିନ୍ତୁ ଭୋର ପୂର୍ବରୁ ତତେ ଫେରି ଆସିବାକୁ ହେବ । ତା ନ ହେଲେ ଗୋଟାଏ ମଲା ସାପ ତୋ ମୁଣ୍ଡରୁ ଖସି ପଡ଼ିବ । ମୁଁ ଆଉ ତତେ ସାହାଯ୍ୟ କରିପାରିବି ନାହିଁ ।"

ଦେବତା ଇଚ୍ଛାକଲେ କଣ ବା ନ ହୋଇପାରେ । ସେହିଦିନଠାରୁ ପ୍ରତି ରାତିରେ ବନଶୋଭା ତା ପୁଅପାଖକୁ ଯାଏ, ତାକୁ କୋଳରେ ଧରି ଗେଲ କରେ; ରାତି ନ ପାହୁଣୁ କିଛି

Digitized by srujanika@gmail.com

ଫଳଫୁଲ୍ ତା ଦୋଳରେ ରଖିଦେଇ ଚାଲିଆସେ । ଧାଈ ଏ ବିଷୟ ରାଜାଙ୍କୁ ଜଣାଇଲା । ରାଜା ଦେଖିଲେ ସେଗୁଡ଼ିକ ଠିକ୍ ପୁରୁଣା ରାଣୀଙ୍କ ତୋଟାର ଫଳପରି ଦିଶୁଛି । ସୁଭଦ୍ରାକୁ ପଚାରିବାରୁ ସେ ଏଣୁ ତେଣୁ ଫାନ୍ଦ ମିଛ କଥା କହିଲା । ରାଜାଙ୍କର ସନ୍ଦେହ ଆହୁରି ବଢ଼ିଗଲା । ତେଣୁ ସେଦିନ ରାତିରେ ସେ ପୁଅର ଦୋଳ ପାଖରେ ଲୁଚି ରହି ଜଗି ବସିଲେ ।

'କି ଆଶ୍ଚର୍ଯ୍ୟ ! ଏଇ ଯେ ମୋର ପ୍ରକୃତ ରାଣୀ ବନଶୋଭା ପୁଅକୁ ଧରି ଗେଲ୍ କରୁଛି ।' ରାଜା ସମ୍ଭାଳି ନ ପାରି ରାଣୀଙ୍କ ହାତ ଧରି ପକାଇ ପଚାରିଲେ, "ମତେ ଏ ରହସ୍ୟ ଫିଟାଇ ନ କହିଲେ ମୁଁ ତୁମକୁ ଛାଡ଼ିବି ନାହିଁ ।" ବନଶୋଭା ବାଧ୍ୟହୋଇ ସବୁ କଥା କହିଗଲା, ମାତ୍ର ତା କଥା ଶେଷ ନ ହେଉଣୁ ଭୋର ହୋଇଗଲା । ଏତିକିବେଳେ ମଲା ସାପଟାଏ ତା ମୁଣ୍ଡରୁ ଖସି ପଡ଼ିବାର ଦେଖି ସେ ଚମକିପଡ଼ି କହିଲା, ହାୟ ! ମୁଁ "ମୋ ଦେବତାଙ୍କୁ ହରାଇଲି । ଏଣିକି କିଏ ମତେ ରକ୍ଷା କରିବ ।" ରାଜା କହିଲେ, 'ଭୟ କରନା ବନଶୋଭା ମୁଁ ତୁମ ପାଖରେ ଅଛି । ତୁମକୁ ଏଥର କୁଆଡ଼େ ଛାଡ଼ିବି ନାହିଁ । ଆଜି ସେ କପଟିମାକୁ କଠିନ ଶାସ୍ତି ଦେବି ।" କିନ୍ତୁ ବନଶୋଭା ଅନୁନୟ କରିବାରୁ ରାଜା ସୁଭଦ୍ରା ଓ ତା ମାଆକୁ ଅନ୍ୟ କୌଣସି ଦଣ୍ଡ ନ ଦେଇ ରାଜ୍ୟରୁ ବାହାର କରିଦେଲେ ଏବଂ ବନଶୋଭା ସହ ସୁଖରେ ରହିଲେ ।

Digitized by srujanika@gmail.com

ଗୁରୁଭକ୍ତ ଉତ୍ତଙ୍କ

ଅନେକ ବର୍ଷ ତଳର କଥା । ସେତେବେଳେ ଭାରତ ଥିଲା ମୁନି ଋଷି ଓ ପଣ୍ଡିତମାନଙ୍କର ଦେଶ । ଦୂରଦୂରାନ୍ତରରୁ ଛାତ୍ରମାନେ ଆସି ଏଠାରେ ଗୁରୁଗୃହରେ ରହି ବିଦ୍ୟାଶିକ୍ଷା କରୁଥିଲେ । ମୁନିଋଷିମାନେ ବଣଭିତରେ ଆଶ୍ରମମାନ କରି ସେଠାରେ ଶିଷ୍ୟମାନଙ୍କୁ ଶିକ୍ଷା ଦେଉଥିଲେ । ଯଜ୍ଞପାଇଁ ଯାହା ଆବଶ୍ୟକ ହେଉଥିଲା, ଶିଷ୍ୟମାନେ ସେ ସବୁ ବଣରୁ ସଂଗ୍ରହ କରି ଆଣୁଥିଲେ ଏବଂ ଗୁରୁଙ୍କୁ ସବୁ କାର୍ଯ୍ୟରେ ସାହାଯ୍ୟ କରୁଥିଲେ । ବେଦ ଶାସ୍ତ୍ରରେ ପଣ୍ଡିତ ହୋଇ ସେମାନେ ଶେଷରେ ଗୁରୁଙ୍କଠାରୁ ବିଦାୟ ନେଉଥିଲେ ।

ସେହି ସମୟରେ ଗୌତମ ନାମରେ ଜଣେ ଋଷି ଥିଲେ । ତାଙ୍କ ଆଶ୍ରମରେ ଅନେକ ଛାତ୍ର ବିଦ୍ୟାଶିକ୍ଷା କରୁଥିଲେ, କିନ୍ତୁ ଉତ୍ତଙ୍କ ଥିଲେ ତାଙ୍କର ପ୍ରିୟତମ ଶିଷ୍ୟ । ଯଜ୍ଞକାର୍ଯ୍ୟରେ ତାଙ୍କର ଅଧିକ ଆଗ୍ରହ ଦେଖି ଗୁରୁ ତାଙ୍କୁ ବେଳେ ବେଳେ କହୁଥିଲେ, "ବତ୍ସ ଉତ୍ତଙ୍କ, ତୁ ଯେପରି ମନପ୍ରାଣ ଦେଇ ଅଗ୍ନିଦେବତାଙ୍କୁ ପୂଜା କରୁଛୁ ତାହା କଦାପି ବ୍ୟର୍ଥ ହେବନାହିଁ । ଅଗ୍ନିଦେବ ନିଶ୍ଚୟ ତୋ ପ୍ରତି ପ୍ରସନ୍ନ ହେବେ ଏବଂ ତୋର ମନବାଞ୍ଛା ପୂର୍ଣ୍ଣ କରିବେ ।"

ଶିକ୍ଷା ଶେଷ କରି ଶିଷ୍ୟମାନେ ଜଣ ଜଣ ହୋଇ ଗୁରୁଙ୍କଠାରୁ ବିଦାୟ ନେଲେ । ସର୍ବଶେଷରେ ଉତ୍ତଙ୍କ ଋଷିଙ୍କ ଆଗକୁ ଆସି ହାତ ଯୋଡ଼ି କହିଲେ, "ଗୁରୁଦେବ, ମତେ ମଧ୍ୟ ଆଶୀର୍ବାଦ ଦିଅନ୍ତୁ । ଏ ବିଦାୟ ବେଳରେ ମୁଁ ଆପଣଙ୍କୁ କି ଦକ୍ଷିଣା ଦେବି ଆଦେଶ କରନ୍ତୁ ।"

Digitized by srujanika@gmail.com

ଗୌତମ କହିଲେ, "ତୋର ବିଦାୟ ନେବାର ବେଳ ଆସିନାହିଁ । ତୋତେ ଆଉ କିଛି ଦିନ ରହିବାକୁ ହେବ । ମୋର ତୋ ପାଖରେ କାମ ଅଛି ।" ଉତ୍ତଙ୍କ କୌଣସି ଉତ୍ତର ନ ଦେଇ ବାଧ୍ୟ ହୋଇ ଆଶ୍ରମରେ ରହିଲେ ।

ବର୍ଷ ପରେ ବର୍ଷ ଗଡ଼ି ଚାଲିଲା । ନୂଆ ନୂଆ ଛାତ୍ର ଆଶ୍ରମକୁ ଆସିଲେ ଏବଂ ଶିକ୍ଷା ଶେଷ କରି ବିଦାୟ ନେଇ ଗଲେ । ଉତ୍ତଙ୍କ କିନ୍ତୁ ଛୁଟି ପାଇଲେ ନାହିଁ । ଗୁରୁଗୃହରେ ଖଟି ଖଟି ତାଙ୍କ ଯୌବନ କ୍ରମେ ସରିଆସିଲା । ପୂର୍ବର ଶକ୍ତି ସେ ହରାଇବସିଲେ ।

ଆଶ୍ରମରେ ଗାଈ ଜଗିବା, ବଗିଚାରେ ପାଣିଦେବା, ବଣରୁ କାଠ ସଂଗ୍ରହ କରିବା ଏବଂ ଝରଣାରୁ ପାଣି ଆଣିବା—ଏ ଆଦି ଯାବତୀୟ କାମ ଉତ୍ତଙ୍କ ଗୁରୁଙ୍କ ପାଇଁ କରୁଥିଲେ । ତଥାପି ସେ ଦିନେ ହେଲେ ଆପତ୍ତି କରୁ ନ ଥିଲେ । ଭୋକ ହେଲେ ସୁଦ୍ଧା କାମ ଅଧା ରଖି ସେ ଖାଇବାକୁ ମାଗନ୍ତି ନାହିଁ । ଦିନେ ଦିନେ କିନ୍ତୁ ତାଙ୍କ ମନରେ ଗୋଟିଏ ପ୍ରଶ୍ନ ଉଠେ—"ଗୁରୁ କଣ ମତେ ଛୁଟି ଦେବେନାହିଁ ? କେଉଁ ଦିନ ମୁଁ ଆଉ ଘର ସଂସାର କରିବ ?" କିନ୍ତୁ ମନର କଥା ମନରେ ରଖି ସେ କାମ କରି ଯାଉଥାନ୍ତି ।

ଦିନେ ବଣରୁ ଗୋଟିଏ ଜାଳେଣି କାଠ ସଂଗ୍ରହ କରି ଉତ୍ତଙ୍କ ଆଶ୍ରମକୁ ଫେରୁଥିଲେ । କାଠ ଗୋଛାକ ମୁଣ୍ଡେଇ ଆସୁ ଆସୁ ସେ ଅଣ୍ଟାରେ ବ୍ୟଥା ଅନୁଭବ କଲେ । ଆଶ୍ରମଯାଏ ଆସିବାକୁ ତାଙ୍କର ବଳ ପାଇଲା ନାହିଁ । ତେଣୁ ବାଧ୍ୟ ହୋଇ ବୋଝଟାକୁ ଓହ୍ଲାଇ ଦେଉଁ ଦେଉଁ ତାହା ହାତରୁ ଖସି ପଡ଼ିଲା । ଉତ୍ତଙ୍କ କାଠ ଗୋଛାକୁ ଚାହିଁ ଦେଖିଲେ ମଣିଷ ମୁଣ୍ଡର ଦୁଇ ଖିଅ ପାଚିଲା କେଶ ସେଥିରେ ଲଟିରହିଛି । ସେ ଭାବିଲେ, ଏ ନିଶ୍ଚୟ ମୋ'ର ମୁଣ୍ଡର କେଶ । ମୁଁ କଣ ତେବେ ବୁଢ଼ା ହୋଇଗଲିଣି ! ହାୟ ! ସଂସାର ସୁଖ ମୋ ଭାଗ୍ୟରେ ନାହିଁ ଦେଖୁଛି । ବହୁ କଷ୍ଟରେ ସେ କାଠ ଗୋଛାକ ମୁଣ୍ଡକୁ ଉଠାଇ ଆଶ୍ରମକୁ ଫେରିଲେ ।

ପ୍ରିୟ ଶିଷ୍ୟଙ୍କୁ ବିରସ ମନରେ ବସିଥିବାର ଦେଖି ଗୌତମ ପଚାରିଲେ, "ବତ୍ସ କାହିଁକି ମନଦୁଃଖରେ ବସିଛୁ ?" ଉତ୍ତଙ୍କ ନିଜର ମନକଥା ପ୍ରକାଶ କରି କହିଲେ, "ଗୁରୁଦେବ, ଆପଣ ସବୁ ଶିଷ୍ୟଙ୍କୁ ବିଦାୟ ଦେଲେ ମାତ୍ର ମତେ ଛାଡ଼ିଲେ ନାହିଁ । ମୁଁ ଆପଣଙ୍କ ଆଜ୍ଞା ଶିରୋଧାର୍ଯ୍ୟ କରି ଆଜଯାଏ ପଡ଼ିରହିଛି । କିନ୍ତୁ ମତେ ଜଣାନାହିଁ ଯେ ମୁଁ ବୁଢ଼ା ହୋଇଗଲିଣି । କେଉଁ ଦିନ ଆଉ ଘରସଂସାର କରିବ ?"

Digitized by srujanika@gmail.com

ଗୌତମ କହିଲେ, "ତୋର ଉତ୍ତମ ସ୍ୱଭାବ ଯୋଗୁ ମୁଁ ଆଜଯାଏ ତୋତେ ପାଖରେ ରଖିଥିଲି । କିନ୍ତୁ ତୁ ଯେତେବେଳେ ଘରକୁ ଯିବାକୁ ଇଚ୍ଛା କରୁଛୁ, ମୁଁ ବାଧା ଦେବିନାହିଁ । ମୋର ଆଶୀର୍ବାଦ ନେଇ ଘରକୁ ଯା । ତୋର ପୁଣ୍ୟ ବଳରେ ଯଦି ତୁ ଯୌବନ ଫେରିପାଇବୁ, ତେବେ ମୋ କନ୍ୟାକୁ ତୋ ହାତରେ ସମର୍ପଣ କରିବି ।"

ଗୌତମଙ୍କ ପାଟିରୁ କଥା ସରିଛି କି ନାହିଁ ଉତ୍ତଙ୍କ ତାଙ୍କ ଶରୀରରେ ଏକ ଅପୂର୍ବ ପୁଲକ ଅନୁଭବ କଲେ । ତାଙ୍କ ଅଙ୍ଗପ୍ରତ୍ୟଙ୍ଗ ସୁନ୍ଦର ଓ ସତେଜ ଦିଶିଲା । ଗୁରୁଙ୍କ ଆଶୀର୍ବାଦରୁ ତାଙ୍କର ଏପରି ପରିବର୍ତ୍ତନ ଘଟିଛି ଜାଣି ଆଣ୍ଠେଇପଡ଼ି ସେ ତାଙ୍କର ପାଦବନ୍ଦନା କଲେ । ଋଷି ତାଙ୍କର ପ୍ରିୟ ଶିଷ୍ୟକୁ ତଳୁ ଉଠାଇ ନେଇ ଆଦରରେ ଘରକୁ ଡାକିନେଲେ ଏବଂ ପତ୍ନୀଙ୍କ ସମ୍ମୁଖରେ କନ୍ୟାର ହାତକୁ ତାଙ୍କ ହାତରେ ଦେଇ କହିଲେ, "ଈଶ୍ୱରଙ୍କ ଇଚ୍ଛା ପୂର୍ଣ୍ଣ ହେଉ ।" ଏହାପରେ ସେ ଦୁହିଁଙ୍କର ବିବାହ କାର୍ଯ୍ୟ ଯଥାବିଧି କରାଇଦେଲେ ।

ବିବାହ ପରେ ଋଷିକନ୍ୟାଙ୍କୁ ସଙ୍ଗରେ ନେଇ ଉତ୍ତଙ୍କ ନିଜ ଘରକୁ ଯିବାକୁ ପ୍ରସ୍ତୁତ ହେଲେ । କିନ୍ତୁ ଯିବାପୂର୍ବରୁ ସେ ଗୌତମଙ୍କୁ ଦେଖାକରି କହିଲେ, "ମୁଁ ଏପର୍ଯ୍ୟନ୍ତ ଗୁରୁଦକ୍ଷିଣା ଦେଇନାହିଁ । ତେଣୁ କି ଦକ୍ଷିଣା ଦେବି ଆଦେଶ କରନ୍ତୁ ।" ଋଷି କହିଲେ, "ତୁମର ସେବା ଓ ଭକ୍ତିରେ ମୁଁ ସନ୍ତୁଷ୍ଟ । ଅନ୍ୟ ଦକ୍ଷିଣା ମୋର ଆବଶ୍ୟକ ନାହିଁ ।" ଏହା ଶୁଣି ଉତ୍ତଙ୍କ ଗୁରୁ-ପତ୍ନୀଙ୍କ ନିକଟକୁ ଯାଇ କହିଲେ, "ମା, ଏ ଜୀବନରେ ଆପଣଙ୍କ ଋଣ ମୁଁ ଶୁଝିପାରିବିନାହିଁ । ତେବେ ମୋର ସନ୍ତୋଷପାଇଁ ଆଦେଶ କରନ୍ତୁ କି ଜିନିଷ ଆପଣଙ୍କୁ ଆଣିଦେବି ?" ଋଷିପତ୍ନୀ କହିଲେ, "ଯଦି ଏପରି ଇଚ୍ଛା, ତେବେ ସୌଦାସଙ୍କ ରାଣୀ ଯେଉଁ କାନଫୁଲ ପିନ୍ଧିଛନ୍ତି, ତାହା ଆଣିଦେଲେ ମୁଁ ସୁଖୀ ହେବି ।"

"ମୁଁ ତାହା ନିଶ୍ଚୟ ଆଣିଦେବି" ପ୍ରତିଜ୍ଞା କରି ଉତ୍ତଙ୍କ ଗୁରୁକନ୍ୟାଙ୍କ ଆଡ଼କୁ ବୁଲିଁ କହିଲେ, "ମୁଁ ଫେରିବା ପର୍ଯ୍ୟନ୍ତ ତୁମେ ମାଆଙ୍କ ପାଖରେ ଥାଅ ।" ଏହା କହି ସେ ଗୁରୁପତ୍ନୀଙ୍କ ପାଦଧୂଳି ନେଇ ରାଜା ସୌଦାସଙ୍କ ରାଜ୍ୟକୁ ଯାତ୍ରା କଲେ ।

କିଛି ସମୟପରେ ଗୌତମ ଆଶ୍ରମକୁ ଫେରି ପଚାରିଲେ, "ଉତ୍ତଙ୍କ କାହିଁ ?" ପତ୍ନୀଙ୍କଠାରୁ ସମସ୍ତ ଘଟଣା ଶୁଣି ଋଷି ଚମକିପଡ଼ି କହିଲେ, 'ଏପରି କଠିନ କାର୍ଯ୍ୟରେ କାହିଁକି ତାକୁ ପଠାଇଲ ? ରାଜା ସୌଦାସଙ୍କୁ ଭେଟିବା ସହଜ କଥା ନୁହେଁ । ବଶିଷ୍ଠଙ୍କ ଅଭିଶାପରୁ ସେ

Digitized by srujanika@gmail.com

ବର୍ତ୍ତମାନ ମଣିଷଖିଆ ଅସୁର ପାଲଟି ଯାଇଛି । ତୁମ ଜ୍ୱାଇଁଙ୍କୁ ଦେଖିବାମାତ୍ରେ ସେ ତ ତାଙ୍କୁ ଖାଇଯିବ ।" ଋଷିକନ୍ୟା ଏକଥା ଶୁଣି କାନ୍ଦ କାନ୍ଦ ହୋଇ ମାଆଙ୍କ କୋଳକୁ ଆଉଜି ପଡ଼ିଲେ । ତାଙ୍କ ଆଖିରୁ ଲୁହ ପୋଛି ଦେଉଁ ଦେଉଁ ଋଷିପତ୍ନୀ କହିଲେ, "ମୋତେ ସେ କଥା ଜଣା ନ ଥିଲା, ସ୍ୱାମୀ । କିନ୍ତୁ ତୁମେ କଣ ତାଙ୍କୁ କୌଣସିମତେ ଫେରାଇ ଆଣି ପାରିବ ନାହିଁ ? କାନଫୁଲ ମୋର ଆବଶ୍ୟକ ନାହିଁ ।" ଗୌତମ କହିଲେ, "ଉତ୍ତଙ୍କ ତା ପ୍ରତିଜ୍ଞାରେ ଅଟଳ । ମୋର ବିଶ୍ୱାସ, ନିଜ ପୁଣ୍ୟବଳରେ ସେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ନିରାପଦରେ ଫେରିବ ।"

କୌଣସି ବାଧାବିଘ୍ନ ନ ମାନି ଉତ୍ତଙ୍କ ତେଣେ ଆଗେଇ ଚାଲିଥାନ୍ତି ଲକ୍ଷ୍ୟ ପଥରେ । ବହୁଦିନପରେ ସେ ପହଞ୍ଚିଲେ ରାଜା ସୌଦାସଙ୍କ ରାଜ୍ୟରେ । ଗୋଟିଏ ଅରଣ୍ୟ ମଧ୍ୟରେ ଯାଉଁ ଯାଉଁ ସେ ଦେଖିଲେ ଏକ ପାହାଡ଼ ଉପରେ ଗୋଟାଏ ବିକଟାଳ ଅସୁର ବସିଛି । ଚାରିକଡ଼ରେ ମଣିଷର ହାଡ଼କଙ୍କାଳ ବିଛୁଡ଼ି ହୋଇପଡ଼ିଛି । ଉତଙ୍କ ଅନୁମାନ କରିନେଲେ ଏ ସେହି ମଣିଷଖିଆ ରାଜା ସୌଦାସ । ଗର୍ଜି ଗର୍ଜି ଅସୁରଟା ତାଙ୍କ ପାଖକୁ ଚମକି ଆସି କହିଲା, "ଦିନ ଛଅ ଘଡ଼ିରେ ମୁଁ ଥରେ ଖାଏ । ତୁ ଠିକ୍ ବେଳାରେ ପହଞ୍ଚିଛୁ । ଆ, ତତେ ଖାଇବି ।"

Digitized by srujanika@gmail.com

ଉତଙ୍କ ଭୟ ନ କରି କହିଲେ, "ମୋ କଥା ଟିକିଏ ଶୁଣ, ରାଜା । ମୁଁ ନିଜ କାମରେ ଏଠାକୁ ଆସିନାହିଁ, ଗୁରୁଙ୍କ କାମରେ ଆସିଛି । ତେଣୁ ମତେ ଖାଇଲେ ତୁମର ଅଧର୍ମ ହେବ ।" ମାତ୍ର ଅସୁର କିଛି ନ ଶୁଣି ତାଙ୍କୁ ଖାଇବାକୁ ଜିଦ୍ ଧରିବାରୁ ଉତଙ୍କ କହିଲେ, "ମୁଁ କଥା ଦେଉଛି ଯେ ଗୁରୁଙ୍କ କାମ ଶେଷ କରି ସାରି ମୁଁ ତୁମ ପାଖକୁ ପୁଣି ଫେରିଆସିବି । ସେତିକି-ବେଳେ ତୁମେ ମତେ ଖାଇବ; କିନ୍ତୁ ବର୍ତ୍ତମାନ ମତେ ସାହାଯ୍ୟ କର ।"

ସୌଦାସ କିଛି କ୍ଷଣ ଚିନ୍ତା କରି କହିଲେ, "ଆଚ୍ଛା, ସେଇ କଥା ହେଲା । ତୁମର କାମଟା କ'ଣ ଶୁଣେ ।" ଉତଙ୍କ ନିଜର ଉଦ୍ଦେଶ୍ୟ ଜଣାଇବାରୁ ସେ କହିଲେ, "ଅସମ୍ଭବ, ସେ କାନ-ଫୁଲ ରାଣୀଙ୍କର । ତାହା ଆମେ ଦେବତାଙ୍କଠାରୁ ପାଇଛୁ । ଅନ୍ୟ କିଛି ଜିନିଷ ମାଗ, ଦେବି ।" କିନ୍ତୁ ଉତଙ୍କ ନିଜ କଥାରେ ଅଟଳ ରହିଲେ । ରାଜା ତାଙ୍କ କଥା ରକ୍ଷା କରନ୍ତୁ ବୋଲି ଉତଙ୍କ ବାରମ୍ବାର କହିବାରୁ ସୌଦାସ ଶେଷରେ ରାଜି ହୋଇ କହିଲେ, "ହଉ ତେବେ ଯାଅ, ମୋ ନାଁ କହି ରାଣୀଙ୍କ ପାଖରୁ କାନଫୁଲ ମାଗିଆଣ ।"

ଉତଙ୍କ ରାଣୀଙ୍କ ପାଖରେ ପହଞ୍ଚି ରାଜାଙ୍କ ଆଦେଶ ତାଙ୍କୁ ଜଣାଇଲେ । ସଙ୍ଗେ ସଙ୍ଗେ ରାଣୀ ତାଙ୍କ କାନଫୁଲ ହଳକ ଓହ୍ଲାଇ ତାଙ୍କ ହାତରେ ଦେଲେ ଏବଂ କହିଲେ, "ଏହାକୁ ଯତ୍ନରେ ରଖିବ, ନୋହିଲେ ପାତାଳର ନାଗମାନେ ନେଇଯିବେ ।" ଉତଙ୍କ ତାଙ୍କ ମୃଗଚର୍ମଭିତରେ ସେ କାନଫୁଲକୁ ଗୁଡ଼ାଇ ରଖୁ ରଖୁ ପଚାରିଲେ, "ଏହାର କି ବିଶେଷ ଗୁଣ ଅଛି ଯେ ନାଗମାନେ ନେଇଯିବେ ?" ରାଣୀ କହିଲେ, "ଯେ ଏହାକୁ ପିନ୍ଧିବ, ତାକୁ ରୋଗଶୋକ ବାଧିବ ନାହିଁ, ନିଆଁ କିମ୍ବା ବିଷ ତାର କିଛି ଅନିଷ୍ଟ କରିବ ନାହିଁ; ସେ ସମସ୍ତ ବିପଦରୁ ଉଦ୍ଧାର ପାଇବ ।"

ରାଣୀଙ୍କୁ ଧନ୍ୟବାଦ ଜଣାଇ ଉତଙ୍କ ଫେରିଆସିଲେ ରାଜା ସୌଦାସଙ୍କ ପାଖକୁ । ତାଙ୍କୁ ଦେଖି ରାଜା ଖୁସି ହୋଇ କହିଲେ, "କାନଫୁଲ ତ ନେଲ, କିନ୍ତୁ ବନ୍ଧୁ, ଶୀଘ୍ର ଫେରିଆସିବ ।" ଉତଙ୍କ କହିଲେ, "ଶାସ୍ତ୍ରରେ ଅଛି, ବନ୍ଧୁକୁ ପଚାରି ସବୁ କାମ କରିବ । ତୁମେ ମତେ ବନ୍ଧୁ ବୋଲି ଡାକିଛ । ତେଣୁ କହ, ତୁମେ ମଣିଷମାଂସ ଖାଉଛ ଏହା ଜାଣି ସୁଦ୍ଧା ତୁମ ପାଖକୁ ପୁଣି ଆସିବା ଠିକ୍ ହେବ କି ? ବନ୍ଧୁ ଭାବରେ ପରାମର୍ଶ ଦିଅ ।" ସୌଦାସ କହିଲେ, "ତୁମର ଆସିବା ଆଦୌ ଠିକ୍ ହେବ ନାହିଁ ।" ସେ ଆଉ କିଛି କହିବା ପୂର୍ବରୁ ଉତଙ୍କ ତାଙ୍କୁ ନମସ୍କାର ଜଣାଇ ଶୀଘ୍ର ସେଠାରୁ ପଳାଇଗଲେ ।

Digitized by srujanika@gmail.com

କିଛି ଦୂର ଯିବାପରେ ଉତ୍ତଙ୍କ ଦେଖିଲେ ଗୋଟିଏ ଗଛରେ ବେଲଗୁଡ଼ିଏ ପାଚିଛି । ତାଙ୍କୁ ଭୋକ କରୁଥିବାରୁ ବେଲ ତୋଳିବାପାଇଁ ସେ ଗଛ ଉପରକୁ ଉଠିଲେ । କିନ୍ତୁ ରାଣୀଙ୍କ କଥା ମନେ ପକାଇ ସେ କୁଣ୍ଡଳଟିକୁ ତଳେ ନ ରଖି ଗଛର ଦୋଶାଖୀ କନ୍ଦାରେ ଥୋଇ ଦେଇ ବେଲ ଛିଣ୍ଡାଇଲେ । ଗୋଟିଏ ବେଲ କୁଣ୍ଡଳ ଉପରେ ପଡ଼ିଯିବାରୁ ତାହା ତଳକୁ ଖସିପଡ଼ିଲା । ଉତ୍ତଙ୍କ ଏହା ଦେଖି ଶୀଘ୍ର ଗଛରୁ ଓହ୍ଲାଇ ପଡ଼ି କୁଣ୍ଡଳ ଆଣିବାକୁ ଦଉଡ଼ିଗଲେ । ମାତ୍ର ସେ ପହଞ୍ଚିବା ପୂର୍ବରୁ ଗୋଟାଏ ନାଗ ସାପ ଆସି କାନଫୁଲକୁ ପାଟିରେ ଧରି ନେଇଗଲା । ଉତ୍ତଙ୍କ ବାଡ଼ି ଧରି ତା ପଛେ ପଛେ ଧାଇଁଲେ, କିନ୍ତୁ ସାପଟା ଆଖିପିଛୁଳାକେ ଗୋଟାଏ ହୁଙ୍କା ଭିତରେ ପଶିଗଲା ।

ତିଳମାତ୍ର ବିଳମ୍ବ ନ କରି ଉତ୍ତଙ୍କ ସେହି ହୁଙ୍କାକୁ ବାଡ଼ିରେ ଖୋଳିବାକୁ ଲାଗିଲେ । କାନଫୁଲ ବାହାର ନ କଲେ ସେ ଫେରିବେ ନାହିଁ—ଏହି ପ୍ରତିଜ୍ଞା କରି ସେ ଖୋଳି ଲାଗିଥାନ୍ତି । ତିରିଶ ଦିନ ଖୋଳିବା ପରେ ଜଣେ ବୃଦ୍ଧ ବ୍ୟକ୍ତି ତାଙ୍କୁ ଦେଖା ଦେଇ କହିଲେ, "ହଜାର ହଜାର ଯୋଜନତଳେ ଥିବା ପାତାଳପୁରକୁ ସେ ନାଗ ଚାଲି-ଯାଇଛି । ତୁମେ କେତେ ଖୋଳିବ ?" "ମୁଁ ଜୀବନ ହରାଇଦେବି ପଛକେ, କାନଫୁଲ ନ ନେଇ ଫେରିବି ନାହିଁ ।" ଉତ୍ତଙ୍କ ଏହିପରି କହିବାରୁ ବୃଦ୍ଧ ତାଙ୍କ ରୂପ ବଦଳାଇ ଇନ୍ଦ୍ର ଦେବତା ରୂପରେ ତାଙ୍କୁ ଦେଖାଦେଲେ ଏବଂ ସେହି ବାଡ଼ିକୁ ନିଜ ଗଦାରେ ଛୁଇଁଦେଇ କହିଲେ, "ଏଥର ଖୋଳ ।" ଇନ୍ଦ୍ରଦେବ ଅଦୃଶ୍ୟ ହେବାପରେ ଉତ୍ତଙ୍କ ପୂର୍ବପରି ଖୋଳି ଲାଗିଲେ । ଦୁଇ ଚାରିଥର ଖୋଳିବା-ପରେ ପାତାଳପୁରକୁ ବାଟ ଫିଟିଗଲା ।

Digitized by srujanika@gmail.com

ଏକ ବରାଟ ଫାଟକପାଖରେ ଠିଆ ହୋଇ ଉତ୍ତଙ୍କ କଣ କରିବେ ଭାବୁଛନ୍ତି, ଗୋଟାଏ ଜଳନ୍ତା ଘୋଡ଼ା ତାଙ୍କ ଆଗକୁ ଆସି କହିଲା, "ମୁଁ ଅଗ୍ନିଦେବତା । ତତେ ସାହାଯ୍ୟ କରିବାକୁ ଆସିଛି । ଗୌତମ ଋଷିଙ୍କ ଯଜ୍ଞକୁଣ୍ଡକୁ ତୁ ଯେପରି ଫୁଙ୍କୁଥିଲୁ, ମତେ ସେହିପରି ଜୋର୍‌ରେ ଫୁଙ୍କ୍ ।" ଉତ୍ତଙ୍କ ଅଗ୍ନିଙ୍କୁ ପ୍ରଣାମ ଜଣାଇ ସେହିପରି କଲେ । ଗୁହୁଁ ଗୁହୁଁ ତାଙ୍କ ଦେହରୁ ମେଘ ଆକାରରେ କଳା ଧୂଆଁ ଫାଟକ ଉପରକୁ ଉଠି ଦୁର୍ଗକୁ ଅନ୍ଧାର କରିଦେଲା । ଦୁର୍ଗଭିତରେ ଥିବା ନାଗମାନେ ଧୂଆଁରେ ଅନ୍ଧ ହୋଇ ଛଟପଟ ହେବାରୁ ସେମାନଙ୍କ ରାଜା ବାସୁକି ଫାଟକ ଖୋଲି-ବାକୁ ଆଦେଶ ଦେଲେ । ବାହାରେ ଜଣେ ସାଧୁପୁରୁଷ ଠିଆ ହୋଇଥିବାର ଦେଖି ସେ କହିଲେ, "ହେ ମହାତ୍ମା ! କାହିଁକି ଆମ୍ଭମାନଙ୍କୁ କଷ୍ଟ ଦେଉଛ ?" ଉତ୍ତଙ୍କ କହିଲେ, "ତୁମର ଜଣେ ନାଗ ମୋର କାନଫୁଲ ଚୋରାଇ ଆଣିଛି ।" ସେ ଏହା କହୁଁ କହୁଁ ଚୋର ନାଗଟା ଧୂଆଁ ଭିତରୁ ବାହାରି ଆସି ସାଧୁଙ୍କ ପାଦତଳେ କାନଫୁଲହଳକ ରଖିଦେଇଗଲା ।

ଏହାପରେ ଉତ୍ତଙ୍କ ଅଗ୍ନିଦେବତାଙ୍କୁ ଶାନ୍ତ ହେବାପାଇଁ ପ୍ରାର୍ଥନା କରିବାରୁ ସବୁ ଧୂଆଁ କୁଆଡ଼େ ଉଭେଇଗଲା । ଅଗ୍ନିଙ୍କୁ ପ୍ରଣାମ କରି ଉତ୍ତଙ୍କ ପ୍ରଫୁଲ୍ଲ ମନରେ ଆଶ୍ରମକୁ ଫେରିଗଲେ ଏବଂ ଗୁରୁମା'ଙ୍କୁ କାନଫୁଲ ଦେଇ ପତ୍ନୀଙ୍କ ସହ ନିଜ ଘରକୁ ଯାତ୍ରା କଲେ । * * *

Digitized by srujanika@gmail.com

ଦେହ ବଦଳ

ହିମାଳୟ ପର୍ବତର ପାଦ ଦେଶରେ ଜଣେ ଋଷି ବାସ କରୁଥିଲେ । ଦିନେ ସେ ତାଙ୍କ ଆଶ୍ରମ ବଗିଚାରୁ ଫୁଲ ତୋଳୁଥିବାବେଳେ ଦେଖିଲେ କେହି ଜଣେ ଚଷ୍ଟର ଅଳ୍ପଦୂରରେ ଗୋଟିଏ

ଝିଅକୁ ପକାଇଦେଇ ପଳାଇଗଲା । ଋଷି ଦଉଡ଼ିଯାଇ ଝିଅଟିକୁ ଟେକି ଉଠାଇ ତା ଦେହ ଝାଡ଼ିଝୁଡ଼ି ଦେଲେ । ଠିକ୍ ସେହି ସମୟରେ ଘୋଡ଼ା ଦଉଡ଼ାଇ ଜଣେ ତେଜସ୍ୱୀ ପୁରୁଷ ସେଠାରେ ଉପସ୍ଥିତ ହେଲେ । ଋଷିଙ୍କୁ ଧନ୍ୟବାଦ ଜଣାଇ ସେ କହିଲେ, "ମୁଁ ଗନ୍ଧର୍ବମାନଙ୍କର ରାଜା ଏବଂ ଏ ମୋର କନ୍ୟା 'ନିବୃତ୍ତି' । ମୋର ଜଣେ ପ୍ରଜା ବଳପୂର୍ବକ ତାକୁ ଧରିନେଉଥିଲା । ମତେ ପଛରୁ ଦେଖି ତାକୁ ଏଠାରେ ପକାଇ ଦେଇ ପଳାଇଯାଉଛି । ମୁଁ ଯାଉଛି ସେ ଦୁଷ୍ଟକୁ ଧରି ଉଚିତ ଶିକ୍ଷା ଦେବି । ଫେରିବାଯାଏ ଆପଣ ଦୟାକରି ନିବୃତ୍ତିକୁ ରଖିଥାନ୍ତୁ । ମୋ ଆସିବାର ଯଦି ବେଶି ବିଳମ୍ବ ହୁଏ, ଉପଯୁକ୍ତ ପାତ୍ର ସଙ୍ଗରେ ତାର ବିବାହ କରାଇଦେବେ । କିନ୍ତୁ ଗୋଟିଏ କଥା ମନେ ରଖିବେ, ମଲା ଜୀବ ଦେହରେ ପଶିବାର ଶକ୍ତି ଯାହାର ଥିବ, ସେଇ ହେବ ତାର ସ୍ୱାମୀ ।" ଏହା କହି ଗନ୍ଧର୍ବରାଜ ଘୋଡ଼ା ଝପଟାଇ ଚାଲିଗଲେ ।

ଋଷି ଅନେକ ଦିନ ଅପେକ୍ଷା କଲେ, କିନ୍ତୁ ନିବୃତ୍ତିର ପିତା ଆଉ ଫେରିଲେ ନାହିଁ । ଦିନେ ହୋମପାଇଁ ବଣରୁ କାଠ ସଂଗ୍ରହ କରୁ କରୁ ଜଣେ ରୂପବାନ୍ ଯୁବକ ସଙ୍ଗେ ତାଙ୍କର ଭେଟ ହେଲା । ଋଷି ପଚାରିଲେ, "ଏ ନିର୍ଜନ ସ୍ଥାନରେ ଆପଣ କିଏ ?" ଯୁବକ କହିଲେ, "ମୁଁ ପୃଥ୍ୱୀଭୂଷଣ ଦେଶର ରାଜା ଶୁକ୍ଳପକ୍ଷ ।" ଋଷି ପ୍ରଶ୍ନ କଲେ, "ଆପଣ ଏଠାରେ ଏକୁଟିଆ କାହିଁକି ?" ରାଜା କହିଲେ, "ସେ ଏକ ଦୁର୍ଯୋଗ । ଜଣେ ଲୋକ ତାର ଘୋଡ଼ାକୁ ବିକିବ ବୋଲି ମୋ

Digitized by srujanika@gmail.com

ଦରବାରକୁ ଆଣିଥିଲା । ମୁଁ ସେ ଘୋଡ଼ାର ସୌନ୍ଦର୍ଯ୍ୟ ଦେଖି କିଣିବାକୁ ଇଚ୍ଛା କରିବାରୁ ମନ୍ତ୍ରୀ କହିଲେ, "ନୂଆ ଘୋଡ଼ାକୁ ପରୀକ୍ଷା ନ କରି କିଣିବା ଠିକ୍ ନୁହେଁ ।" ତାଙ୍କ କଥା ମୋ ମନକୁ ପାଇଲା । ମୁଁ ଘୋଡ଼ା ଉପରକୁ କୁଦିପଡ଼ିଲି । ତା ଲଗାମ ଧରିବାମାତ୍ରେ ସେ ପବନ ବେଗରେ ଛୁଟିଲା । ଅନେକ ଦୂର ଆସି ଏଇ ବଣ ପାଖରେ ହଠାତ୍ ଠିଆ ହୋଇଗଲା ଏବଂ ଆଉ ଆଗକୁ ନ ବଢ଼ି ଥରି ଥରି ଝାଳପଡ଼ିଲା । ମୁଁ କିପରି ରାଜଧାନୀକୁ ଫେରିବି ଚିନ୍ତା କରି କରି ବୁଲୁଥିଲି ଏଇ ଅବସ୍ଥାରେ ଆପଣଙ୍କ ସଙ୍ଗେ ଦେଖା ହେଲା ।"

ଋଷି କହିଲେ, "ଚିନ୍ତା କରନ୍ତୁ ନାହିଁ, ରାଜା । ଆସନ୍ତୁ ମୋ ଆଶ୍ରମରେ ଆଜିକ ରହିଯିବେ । ଏହା କହି ସେ ରାଜାଙ୍କୁ ତାଙ୍କ ଆଶ୍ରମକୁ ଡାକିନେଲେ । ନିବୃତ୍ତିକୁ ସେଠାରେ ଦେଖି ରାଜା ପଚାରିଲେ, "ଏ ଯୁବତୀଟି କିଏ ?" ଋଷି ତାର ସମସ୍ତ ଇତିହାସ ରାଜାଙ୍କ ଆଗରେ ବର୍ଣ୍ଣନା କଲେ ଏବଂ ଶେଷରେ କହିଲେ, "ତାର ପିତା ସେହିଦିନଠାରୁ ଫେରିନାହାନ୍ତି, ତେଣୁ ସେ ମୋ ପାଖରେ ଅଛି । କିନ୍ତୁ ମୋର ଗୋଟିଏ ପ୍ରଧାନ ଚିନ୍ତା ଯେ ସେ ଏପର୍ଯ୍ୟନ୍ତ ବିବାହ କରିନାହିଁ । ତାର ପିତା ସେ ଦାୟିତ୍ୱ ମୋ ଉପରେ ଛାଡ଼ିଦେଇ ଯାଇଛନ୍ତି ।"

ରାଜା ନିବୃତ୍ତିକୁ ବିଭା ହେବାର ଇଚ୍ଛା ଜଣାଇବାରୁ ଋଷି କହିଲେ, "ଅତି ଉତ୍ତମ କଥା । ମୋ ମତରେ ଆପଣ ଜଣେ ଉପଯୁକ୍ତ ପାତ୍ର, କିନ୍ତୁ ତା ପିତାଙ୍କର ଗୋଟିଏ ସର୍ତ୍ତ ଥିଲା—ମଣିଷ ଜୀବ ଦେହରେ ପଶିବାର ଶକ୍ତି ଯାହାର ଥିବ, ସେ ହେବ ତାର ସ୍ୱାମୀ ।" "ଏତ ବଡ଼ କଠିନ ସର୍ତ୍ତ; ତଥାପି ମୁଁ ସେ ଶକ୍ତି ଲାଭ କରିବାକୁ ଚେଷ୍ଟା କରିବି ।" ରାଜା ଏପରି କହିବାରୁ ଋଷି କହିଲେ, "ତେବେ ଆପଣ ନିବୃତ୍ତିକୁ ବିଭାହୋଇ ଏଠାରୁ ନେଇ ଯାଇପାରନ୍ତି, ମାତ୍ର ତାକୁ ନଅର ଭିତରକୁ ନେବେ ନାହିଁ । ସେ ଶକ୍ତି ପାଇଲା ପରେ ତାକୁ ପାଖରେ ରଖିବେ ।"

ରାଜା ଋଷିଙ୍କ କଥାରେ ରାଜି ହେବାରୁ ନିବୃତ୍ତି ସଙ୍ଗେ ତାଙ୍କର ବିବାହ ସେଇ ଆଶ୍ରମରେ ସମ୍ପନ୍ନ ହେଲା । ଠିକ୍ ସେହି ସମୟରେ ରାଜାଙ୍କ ଲୋକମାନେ ତାଙ୍କୁ ଖୋଜି ଖୋଜି ସେଠାରେ ଆସି ପହଞ୍ଚିଲେ । ତେଣୁ ରାଜା ଋଷିଙ୍କୁ ବିଦାୟ ମାଗି ନିବୃତ୍ତିକୁ ସଙ୍ଗରେ ନେଇ ରାଜଧାନୀକୁ ଫେରିଗଲେ ।

ରାଜା ଶୁକ୍ଳପକ୍ଷଙ୍କ ମନ୍ତ୍ରୀଙ୍କ ନା କୃଷ୍ଣପକ୍ଷ । ବଡ଼ ବିଚିତ୍ର କଥା ଯେ ଦୁହିଁଙ୍କ ନାମ ସଙ୍ଗେ ଦୁହିଁଙ୍କ ପ୍ରକୃତି ମଧ୍ୟ ଠିକ୍ ଖାପ ଖାଉଥିଲା । ରାଜା ଯେମିତି ସରଳବିଶ୍ୱାସୀ ଥିଲେ, ମନ୍ତ୍ରୀ ଥିଲା ସେମିତି କପଟୀ । ରାଜାଙ୍କୁ ବିପଦରେ ପକାଇବାପାଇଁ ଜାଣିଶୁଣି ସେ ଗୋଟାଏ ଦୁଷ୍ଟ ଅମଣିଆ ଘୋଡ଼ା ଆଣିଥିଲା । ଭାବିଥିଲା ରାଜା ଘୋଡ଼ାରୁ ପଡ଼ି ମରିଗଲେ ସେ ଗାଦି ମାଡ଼ିବସିବ, ମାତ୍ର ତାହା ହେଲା ନାହିଁ । ରାଜା ତ ନିରାପଦରେ ଫେରିଲେ, ପୁଣି ସାଙ୍ଗରେ ଆଣିଲେ ପରମାସୁନ୍ଦରୀ ନିବୃତ୍ତିକୁ ।

Digitized by srujanika@gmail.com

ଏହା ଦେଖି ମନ୍ତ୍ରୀର ମୁଣ୍ଡ ବିଗିଡ଼ିଗଲା । କିନ୍ତୁ ମନର ଭାବକୁ ଲୁଚାଇରଖି ସେ ରାଜାଙ୍କୁ କହିଲା, “ଆପଣଙ୍କ ଲାଗି ମୁଁ ବଡ଼ ଚିନ୍ତିତ ଥିଲି, ମହିମା । ସୁଖର କଥା, ଆପଣ ନିରାପଦରେ ଫେରିଛନ୍ତି ।”

ରାଜା ତାପରେ ନିବୃତ୍ତିଙ୍କୁ ଦେଖାଇ ମନ୍ତ୍ରୀଙ୍କୁ କହିଲେ, “ନୂଆ ରାଣୀଙ୍କୁ ମୁଁ ବିବାହ କରିଛି । କିନ୍ତୁ ବର୍ତ୍ତମାନପାଇଁ ଏ ନଅରକୁ ନ ଯାଇ ବଗିଚା ଭିତରେ ଗୋଟିଏ ଅଲଗା ଘରେ ରହିବେ । ସେଥିର ବ୍ୟବସ୍ଥା କରିଦିଅ ।” ମନ୍ତ୍ରୀକୁ ଦେଖୁ ଦେଖୁ ଚତୁରୀ ନିବୃତ୍ତି ଜାଣିପାରିଲେ ସେ ଭଲ ଲୋକ ନୁହେଁ । ରାଜାଙ୍କୁ ମଧ୍ୟ ମନ୍ତ୍ରୀର ଆଚରଣ ବିଷୟରେ ସତର୍କ କରିଦେଲେ, ମାତ୍ର ରାଜାଙ୍କ ପୂର୍ବ ଧାରଣା ବଦଳିଲା ନାହିଁ । ସେ ଭାବୁଥିଲେ ମନ୍ତ୍ରୀ ତାଙ୍କର ଖୁବ୍ ବିଶ୍ୱାସୀ । ଅତି ଭକ୍ତି ଯେ ଚୋରର ଲକ୍ଷଣ ଏ କଥା ସେ ଜାଣିପାରିଲେ ନାହିଁ । ତେଣୁ ଋଷିଙ୍କ ସର୍ତ୍ତ ବିଷୟରେ ସେ ତାଙ୍କ ସଙ୍ଗେ ପରାମର୍ଶ କଲେ । ମଲା ଦେହରେ ପଶିବା ସୂତ୍ର କିଏ ବତେଇ ପାରିବ ତାହା ବୁଝିବା ପାଇଁ ସେ ତାଙ୍କୁ ଅନୁରୋଧ କଲେ ।

ଖଳବୁଦ୍ଧି ମନ୍ତ୍ରୀ ମନେ କଲା ସେ ସ୍ୱର୍ଗର ଚାନ୍ଦ ହାତରେ ପାଇଛି । ସୂତ୍ରଟି ପାଇଗଲେ ସେ ରାଜାକୁ ମାରିଦେଇ ନିବୃତ୍ତିଙ୍କୁ ନିଜର ସ୍ତ୍ରୀ କରିପାରିବ । ଭାବି ଭାବି ସେ ରାଜାଙ୍କୁ କହିଲା, “ଗୋଟିଏ ଧର୍ମଶାଳା ଖୋଲିଦେଲେ ଅନେକ ସାଧୁ ଆସିବେ । ସେମାନଙ୍କୁ ଏ ବିଦ୍ୟା ଜଣାଥିବ ।”

Digitized by srujanika@gmail.com

ରାଜାଙ୍କ ମନକୁ କଥାଟା ବେଶ୍ ପାଇଲା । ଧର୍ମଶାଳା ଖୋଲା ହେବାରୁ ଅନେକ ସାଧୁ ଆସିଲେ । କିନ୍ତୁ କେହି ସେ ସୂତ୍ର ବତେଇ ପାରିଲେ ନାହିଁ । ତେଣୁ ରାଜା ମନ୍ତ୍ରୀକୁ କହିଲେ, "ଅନ୍ୟଆଡ଼େ ଖବର ନିଅ ।" ମନ୍ତ୍ରୀ ଚାରିଆଡ଼େ ଖୋଜାଖୋଜି କରୁ କରୁ ଦିନେ ଜଣେ ଗାଲିଚ୍ଛ ବେପାରୀକୁ ଭେଟିଲେ । କାଳେ ତାଙ୍କୁ କିଛି ଜଣାଥିବ ଭାବି ପଚାରିଲେ, "ତୁମେ ତ ଅନେକ ନୂଆ ନୂଆ ଜାଗାକୁ ଯାଉଥିବ । ମଲା ଦେହରେ ପଶିପାରିବା ଶକ୍ତି କାହାର ଅଛି ଜାଣ କି ?"

ବେପାରୀ କହିଲା, "ଜାଣେ ଆଜ୍ଞା । ଜଣେ ଯୋଗୀଙ୍କୁ ଏ ବିଦ୍ୟା ଜଣା ଅଛି । କିନ୍ତୁ ତାଙ୍କ ପାଖକୁ ଯିବା ବଡ କଷ୍ଟକର ।" ମନ୍ତ୍ରୀ ମନେ ମନେ ଖୁସିହୋଇ ପଚାରିଲେ, "କାହିଁକି ?" ଗାଲିଚ୍ଛବାଲା କହିଲା, "ଆମ ସହରଠାରୁ ପ୍ରାୟ ଶହେ ମାଇଲ ଦୂରରେ ରାସ୍ତା ଦୁଇ ପାଖରେ ଦୁଇଟି ତାଳଗଛ ଅଛି । ଗୋଟିଏ ଗଛରେ କୁଆ ଏବଂ ଅନ୍ୟଟିରେ ଗୋଟିଏ ହଂସ ବସିଥାଏ । ସେଇ ରାସ୍ତାରେ ଗଲେ ଏକ ଘଞ୍ଚ ଜଙ୍ଗଲ ପଡେ । ତା ଭିତରେ ଗୋଟିଏ ପର୍ବତ ଉପରେ ଯୋଗୀ ସଦାନନ୍ଦ ତପସ୍ୟା କରନ୍ତି । ତାଙ୍କୁ ଏ ବିଦ୍ୟା ଜଣା ଅଛି ।" ମନ୍ତ୍ରୀ ପଚାରିଲେ, "ତୁମ ସହରଟା କେଉଁଠି ?" ବେପାରୀ କହିଲା, "ଏ ରାଜ୍ୟର ସୀମା ଟପି ବାରଟା ଗାଁ, ନଅଟା ନଗର ଏବଂ ପାଞ୍ଚଟା ସହର ପାର ହୋଇଗଲେ ଆମ ସହର ପଡ଼ିବ ।"

ମନ୍ତ୍ରୀ ବିଚାରିଲେ ଏକୁଟିଆ ଯାଇ ସେ ଯୋଗୀଠାରୁ ବିଦ୍ୟାଟା ଶିଖିଆସନ୍ତି, କିନ୍ତୁ କାଳେ ଯୋଗୀ ତାଙ୍କୁ ନ କହିବେ ଏହା ଭାବି ରାଜାଙ୍କୁ ସମସ୍ତ ବିଷୟ ଜଣାଇଲା । ଶୁଣିଲାମାତ୍ରେ ରାଜା ଧାଇଁଗଲେ ନିବୃତ୍ତିଙ୍କୁ କହିବାକୁ; ମାତ୍ର ଚତୁର ନିବୃତ୍ତି ସବୁ ଶୁଣିସାରି କହିଲେ, "ସ୍ୱାମୀ, ଏ ଖବରଟା ଯେତକ ଭଲ, ସେତକ ମନ୍ଦ । ମନ୍ତ୍ରୀଙ୍କୁ ସାଙ୍ଗରେ ନେଲେ ବିପଦ ଘଟିପାରେ । ଆପଣ ଏକୁଟିଆ ଯାଆନ୍ତୁ । ମନ୍ତ୍ରୀଙ୍କୁ କହନ୍ତୁ ସେ ଏଠାରେ ରହି ରାଜ୍ୟ ବୁଝାବୁଝି କରିବେ ।"

ମାତ୍ର ମନ୍ତ୍ରୀ କି ସେଥିରେ ଭୁଲିବା ଲୋକ ! ରାଜାଙ୍କ କଥା ଶୁଣି ସେ କହିଲା, "ହଜୁର୍, ଆପଣଙ୍କୁ ଏକୁଟିଆ ଛାଡ଼ିଦେଇ ମୁଁ ନିଶ୍ଚିନ୍ତ ରହିବି କିପରି ? ରାଜ୍ୟ କଥା ବୁଝିବାକୁ ଅନ୍ୟ ଲୋକ ଅଛନ୍ତି ।" ତେଣୁ ରାଜା ବାଧହୋଇ ମନ୍ତ୍ରୀକୁ ସାଙ୍ଗରେ ନେଇ ଯୋଗୀଙ୍କ ପାଖକୁ ଗଲେ ।

ଗାଲିଚ୍ଛବାଲା ଯେଉଁ ବାଟ ବତେଇଥିଲା, ସେଇ ବାଟରେ ଯାଇ ସେମାନେ ଯୋଗୀଙ୍କ ପାଖରେ ପହଞ୍ଚିଲେ । ଯୋଗୀ ସେତେବେଳେ ଧ୍ୟାନରେ ବସିଥାନ୍ତି । ରାଜା ଓ ମନ୍ତ୍ରୀ ଦେଉଡ଼ାରୁ ଓହ୍ଲାଇ ଚୁପ୍ ହୋଇ ବସି ରହିଲେ । ଅନେକ ସମୟ ପରେ ଯୋଗୀ ଆଖି ଖୋଲି ରାଜାଙ୍କ ଆଡ଼କୁ ଚାହିଁ କହିଲେ, "ମୁଁ ତୁମ ଉପରେ ସନ୍ତୁଷ୍ଟ ହୋଇଅଛି । କି ବର ମାଗୁଛ ମାଗ ।" ରାଜା ହାତଯୋଡ଼ି କହିଲେ, "ହେ ମହାତ୍ମା, ମଲା ଜୀବ ଦେହରେ ପଶିବାର ଶକ୍ତି ମତେ ଦିଅନ୍ତୁ ।"

Digitized by srujanika@gmail.com

ଏତକବେଳେ ମନ୍ତ୍ରୀ ବି ଆଗେଇ ଯାଇ ସେହି ବର ମାଗିବସିଲା । ଯୋଗୀ ରାଜାଙ୍କ ଆଡ଼କୁ ଚାହିଁ କହିଲେ, "ମୁଁ କେବଳ ତୁମକୁ ସେ ଶକ୍ତି ଦେବି । ତୁମ ସଙ୍ଗୀଙ୍କୁ ଦେବି ନାହିଁ । ସେ ଏଥିପାଇଁ ଉପଯୁକ୍ତ ନୁହେଁ । ତା ଛଡ଼ା ଏ ବିଦ୍ୟାବଳରେ ସେ ତୁମର ଅନିଷ୍ଟ କରିପାରେ ।" କିନ୍ତୁ ସରଳମନା ରାଜା ତାଙ୍କ କଥାକୁ ବିଶ୍ୱାସ ନ କରି ମନ୍ତ୍ରୀପାଇଁ ଅଳି କରିବାରୁ ଯୋଗୀ ବାଧ୍ୟ ହୋଇ ଦୁହିଁଙ୍କୁ ସେ ଶକ୍ତି ପ୍ରଦାନ କଲେ ।

ଯୋଗୀଙ୍କଠାରୁ ବିଦାୟ ମାଗି ରାଜା ଓ ମନ୍ତ୍ରୀ ଘରକୁ ଆସିଲେ । ବାଟରେ ଗୋଟାଏ ମଲା ହାତୀ ପଡ଼ିଥିବାର ଦେଖି ରାଜା କହିଲେ, "ମନ୍ତ୍ରୀ, ଯୋଗୀ ଯେଉଁ ଶକ୍ତି ଦେଇଛନ୍ତି ତାହା ପରୀକ୍ଷା କରିବାପାଇଁ ଏ ଏକ ସୁଯୋଗ । ମୁଁ ଯାଉଛି ହାତୀ ଦେହରେ ପଶିବି । ମୁଁ ଫେରିବାଯାଏ ତୁମେ ମୋ ନିର୍ଜୀବ ପିଣ୍ଡଟାକୁ ଜଗିଥାଅ ।" ରାଜା ଏହା କହୁଁ କହୁଁ ହାତୀଟା ଜୀଇଁଉଠି ବଣକୁ ଚାଲିଗଲା ଏବଂ ତାଙ୍କ ନିର୍ଜୀବ ଦେହଟା ସେଠାରେ ପଡ଼ିରହିଲା । ହଠାତ୍ ମନ୍ତ୍ରୀ ମୁଣ୍ଡରେ ଏକ ଖଳ ବୁଦ୍ଧି ପଶିଲା । ସେ ଭାବିଲା ଶବ ଭିତରେ ପଶି ରାଜଧାନୀକୁ ଚାଲିଯିବ ଏବଂ ନିବୃତ୍ତିକୁ ବିଭାହୋଇ ରାଜଗାଦି ଦଖଲ କରିବ । ସଙ୍ଗେ ସଙ୍ଗେ ସେ ତାହାହିଁ କଲା ଏବଂ ନିଜ ଶବଟାକୁ ନିଆଁରେ ପୋଡ଼ିଦେଇ ଘୋଡ଼ାରେ ବସି ରାଜଧାନୀକୁ ଛୁଟିଲା ।

କିଛି ସମୟ ପରେ ହାତୀଦେହଧାରୀ ରାଜା ପୂର୍ବ ସ୍ଥାନକୁ ଆସି ଦେଖିଲେ ତାଙ୍କ ଶବଟା ନାହିଁ କି ମନ୍ତ୍ରୀ ନାହାନ୍ତି । ନିକଟରେ ନିଆଁ ଗଦା ଦେଖି ସେ ସବୁ ବୁଝିପାରିଲେ । 'ମନ୍ତ୍ରୀ ନିଶ୍ଚୟ ମୋ ଶବରେ ପଶି ପଳାଇଯାଇଛି । ନିବୃତ୍ତି ଓ ଯୋଗୀ ସଦାନନ୍ଦ ଠିକ୍ କହିଥିଲେ । ମୁଁ ତାଙ୍କ କଥାକୁ ବିଶ୍ୱାସ ନ କରି ବିପଦରେ ପଡ଼ିଲି ।' ଏହିପରି ଅନୁତାପ କରି ସେ ହାତୀ ରୂପରେ ରାଜଧାନୀ ଆଡ଼କୁ ମୁହାଁଇଲେ ।

ଏଣେ ରାଜାଦେହଧାରୀ ମନ୍ତ୍ରୀ ରାଜଧାନୀରେ ପହଞ୍ଚି ସମସ୍ତଙ୍କୁ କହିଦେଇଥାଏ, "ବଣୁଆ ହାତୀଟାଏ ସହରକୁ ପଶିବାର ଦେଖିଲେ ସମସ୍ତେ ମିଶି ତାକୁ ମାରି ପକାଇବ ।" ତାପରେ ନିବୃତ୍ତି

Digitized by srujanika@gmail.com

ପାଖକୁ ଯାଇ ସେ କହିଲା, "ମୁଁ ଯୋଗୀଙ୍କଠାରୁ ଶକ୍ତି ନେଇ ଫେରିଛି । ମୋ ସଙ୍ଗେ ନଅରକୁ ଆସ ।" ରାଣୀଙ୍କ ମନରେ କେଜାଣି କାହିଁକି ସନ୍ଦେହ ହେଲା । ସେ କହିଲେ, "ଶକ୍ତି ଆଣିଛ ଶୁଣି ଖୁସି ହେଲି । କିନ୍ତୁ ମୋର ଗୋଟାଏ ବ୍ରତ ଅଧା ଅଛି । ତାହା ପୂର୍ଣ୍ଣ ହେଲେ ମୁଁ ଯିବି ।" "ହଉ ତେବେ, ଶୀଘ୍ର ବ୍ରତ ପୂର୍ଣ୍ଣକରି ମତେ ଖବର ଦେବ ।" ଏହା କହି ସେ ଦୁଷ୍ଟ ମନ୍ତ୍ରୀ ନଅରକୁ ଫେରିଲା । ବାଟରେ ଶୁଣିଲା ଗୋଟାଏ ଦନ୍ତା ହାତୀ ସହର ଆଡ଼କୁ ଆସୁଛି । ସାଙ୍ଗେ ସାଙ୍ଗେ ସେ ଧନୁଶର ଧରି ଦଳବଳ ସହ ହାତୀକୁ ମାରିବାକୁ ଧାଇଁଲା । ହାତୀଦେହଧାରୀ ରାଜା ଏତେଗୁଡ଼ାଏ ଲୋକଙ୍କୁ ଦେଖି ବଣକୁ ପଳାଇବାକୁ ଲାଗିଲେ । ବାଟରେ ଗୋଟାଏ ମଲା ହରିଣ ପଡ଼ିଥିବାର ଦେଖି ସେ ଭାବିଲେ, 'ମୁଁ ଏଇ ହରିଣ ଦେହରେ ପଶିଗଲେ ଏମାନଙ୍କ ହାତରୁ ରକ୍ଷା ପାଇବି ।'



ସଙ୍ଗେ ସଙ୍ଗେ ହାତୀଟା ମରି ପଡ଼ିଗଲା ଏବଂ ହରିଣଟା ଜୀଇଁ ଉଠି ମାରିଲା ଡିଆଁ । ମନ୍ତ୍ରୀ ସମସ୍ତ ରହସ୍ୟ ବୁଝିପାରି ଲୋକଙ୍କୁ କହିଲା, "ଶୀଘ୍ର ସେ ହରିଣକୁ ଲକ୍ଷ୍ୟକରି ତୀର ମାର ।" ମାତ୍ର ହରିଣ ଦେହରେ ତୀର ବାଜିବା ପୂର୍ବରୁ ରାଜା ସେଠାରେ ପଡ଼ିଥିବା ଏକ ମଲା ଶୁଆ ଦେହରେ ପଶି ଉଡ଼ି ଚାଲିଗଲେ । ମନ୍ତ୍ରୀ ତାହା ଲକ୍ଷ୍ୟ କରିପାରିଲା ନାହିଁ । ମଲା ହରିଣକୁ ଦେଖି ଭାବିଲା, 'ରାଜା ଏଇଥର ଶେଷ ପାଇଯାଇଛି ।'

ଏଣେ ଶୁଆଦେହଧାରୀ ରାଜା ନବୃତ୍ତିକୁ ସବୁ ଜଣାଇ ଦେବାପାଇଁ ତା ଝରକା ପାଖକୁ ଉଡ଼ି ଯାଉଁ ଯାଉଁ ବ୍ୟାଧର ଜାଲରେ ପଡ଼ିଗଲେ । ବ୍ୟାଧ ତାଙ୍କୁ ଧରିବାକୁ ଆସିବାରୁ ସେ କହିଲେ, "ମତେ ମାରନା । ମୁଁ ମଣିଷପରି ସ୍ପଷ୍ଟ କଥା କହିପାରେ । ମତେ ବିକିଲେ ତୁମେ ବହୁତ ଟଙ୍କା ପାଇବ ।" ବ୍ୟାଧ ଭାବିଲା, 'ଠିକ୍ କଥା । ମୁଁ ଏହାକୁ ବିକିଦେବି ।' ତା କଥାକୁହା ଶୁଆକୁ ଦେଖିବାପାଇଁ ବଜାରରେ ଅନେକ ଲୋକ ରୁଣ୍ଡ ହେଲେ । ନବୃତ୍ତିଙ୍କର ଜଣେ ଦାସୀ ମଧ୍ୟ ସେଠାକୁ ଯାଇଥିଲା । ତାକୁ ଦେଖି ସେ ଶୁଆ ପଚାରିଲେ, "ରାଣୀଙ୍କ ଖବର କଅଣ ?" ଦାସୀ ଆଶ୍ଚର୍ଯ୍ୟ ହୋଇ ବ୍ୟାଧକୁ କହିଲା, "ଏ ଶୁଆ କଣ ମଂତ କଥା କହୁଛି !" ବ୍ୟାଧ କହିଲା, "ସେ କଣ ସାଧାରଣ ଶୁଆ ? ତା ମୂଲ୍ୟ ପଚ ଲକ୍ଷେ ଟଙ୍କା ।"

Digitized by srujanika@gmail.com

ଦାସୀଠାରୁ ଶୁଆ କଥା ଶୁଣି ନବୃତ୍ତି କହିଲେ, "ଯା, ରାଜାଙ୍କୁ ଟଙ୍କା ମାଗିବୁ, ଶୁଆଟିକୁ କିଣିବା ।" କିନ୍ତୁ ଏତେ ଟଙ୍କା ଦେଇ ଶୁଆଟାଏ କିଣିବାକୁ ରାଜାଦେହଧାରୀ ମନ୍ତ୍ରୀ ରାଜି ହେଲା ନାହିଁ । ତେଣୁ ନିଜ ହାତରୁ ଟଙ୍କା ଦେଇ ନବୃତ୍ତି ଶୁଆଟିକୁ କିଣିଆଣିବାକୁ ଦାସୀକୁ ପଠାଇଦେଲେ ।

ମନ୍ତ୍ରୀ ମନରେ ନାନା ସନ୍ଦେହ ହେଲା । କଥାରେ ଅଛି, "ଚୋର ମନ ଚଣ୍ଡିରେ ।" 'ଲକ୍ଷେ ଟଙ୍କା ଦେଇ ନବୃତ୍ତି ଶୁଆଟାଏ କିଣୁଛି କାହିଁକି ?' ସେ ଧାଇଁଲା ରାଣୀଙ୍କ ପାଖକୁ । ଦେଖିଲା ଦାସୀ ଶୁଆଟିକୁ ଧରି ଆସୁଛି । ସେ ହଠାତ୍ ତା ହାତରୁ ଶୁଆଟାକୁ ଝାମ୍ପିନେଇ ତା ବେକ ମୋଡ଼ିଦେଲା । କିନ୍ତୁ ତା ପୂର୍ବରୁ ତଳେ ପଡ଼ିଥିବା ଗୋଟାଏ ମଲା ମହୁମାଛି ଦେହରେ ରାଜା ପଶିଯାଇଥିଲେ । ଶୁଆକୁ ଦେଖି ରାଣୀ ରାଗି ଉଠି ମନ୍ତ୍ରୀକୁ କହିଲେ, "ମୋ ଟଙ୍କାରେ ମୁଁ ତାକୁ କିଣିଥିଲି । ତୁମର କି ଅଧିକାର ଥିଲା ତାକୁ ମାରିବାକୁ ? ମୋ ଶୁଆ ଦିଅ, ନଇଲେ ମୁଁ ଜୀବନ ହରାଇଦେବି ।"

ମନ୍ତ୍ରୀ ବଡ଼ ଅଡୁଆରେ ପଡ଼ିଲା । ଟିକିଏ ଭାବି ମଲା ଶୁଆକୁ ପାଖ ଘରକୁ ନେଇଯାଇ ତା ଦେହରେ ପଶିଗଲା ଏବଂ ନବୃତ୍ତି ପାଖକୁ ଉଡ଼ି-ଆସିଲା । ତା ଶବଟା ସେଠାରେ ପଡ଼ିଥାଏ । ଏହି ସୁଯୋଗରେ ରାଜା ମହୁମାଛି ଦେହ ଛାଡ଼ି ତା ଭିତରେ ପଶିଗଲେ ଏବଂ ନିଜ ରୂପରେ ନବୃତ୍ତି ଆଗରେ ଠିଆ ହେଲେ । ପ୍ରକୃତ ରାଜା ଓ ରାଣୀଙ୍କର ମିଳନ ଦେଖି ଶୁଆ ଖସିଯିବାକୁ ବସିଥିଲା, ମାତ୍ର ଦାସୀ ତାକୁ ଧରିପକାଇଲା ।

ଯୋଗୀଙ୍କ ସଙ୍ଗେ ଦେଖା ହେବା ପରଠାରୁ ଯାହା ଘଟିଥିଲା, ରାଜା ଗୋଟି ଗୋଟି କରି ନବୃତ୍ତିଙ୍କ ଆଗରେ ବର୍ଣ୍ଣନା କଲେ । "ଯେଉଁ ଶକ୍ତିବଳରେ ମନ୍ତ୍ରୀ ମତେ ମାରିଦେଇ ତୁମକୁ ରାଣୀ କରିଥାନ୍ତା ବୋଲି ଭାବିଥିଲା, ସେଇ ଶକ୍ତି ହେଲା ତାର କାଳ । ବର୍ତ୍ତମାନ ଦେଖ, ଶୁଆ ଦେହରେ ରହି ସେ ଦୁଷ୍ଟ କିପରି ଖସିଯିବାକୁ ଚାହୁଁଛି ।" ନବୃତ୍ତି ସବୁ ଘଟଣା ଶୁଣି ତା ବେକ ମୋଡ଼ି ତାକୁ ମାରିଦେବାକୁ ଯାଉଥିଲେ; କିନ୍ତୁ ରାଜା ତାଙ୍କୁ ବାଧା ଦେଇ କହିଲେ, "ଆଉ ରାଣୀ, ତାକୁ ଛୁଇଁଲେ ପାପ ହେବ । ଗୋଟାଏ ଲୁହା ପିଞ୍ଜରାରେ ତାକୁ ରଖିଦେବା । ତାହାହେଲେ ଅବିଶ୍ୱାସୀର କି ଦଶା ହୁଏ, ଲୋକମାନେ ସବୁଦିନେ ଦେଖୁଥିବେ ।" ◻

Digitized by srujanika@gmail.com

ଜୀଅନ୍ତା କଣ୍ଢେଇ

ଜାପାନର ଗୋଟିଏ ଛୋଟ ଗାଁରେ ମିଯୁକୋର ଘର । ଶୀତ ଦିନ ପୂର୍ବରୁ ଖଣ୍ଡେ ଘର ତୋଳିବ ବୋଲି ଦିନେ ବଡ଼ ଭୋରରୁ ଉଠି ସେ ଯାଇଥିଲା ବାଉଁଶ କାଟିବାପାଇଁ । କିନ୍ତୁ ଏ କି ଅଦ୍ଭୁତ ଦୃଶ୍ୟ ! ବୁଦା ଭିତରେ ଆଲୁଅ କେଉଁଠୁ ଆସିଲା ! ବୋଧହୁଏ ଜଳନ୍ତା ନିଆଁ ଖଣ୍ଡେ ଉଡ଼ିଆସି ପଡ଼ିଛି । ସେ ଆହୁରି ପାଖକୁ ଯାଇ ଚାହିଁଲା । ନା, ଏତ ନିଆଁ ନୁହେଁ । ଗୋଟାଏ କଣ୍ଢେଇପରି କିଛି ଦେଖାଯାଉଛି । ଚାହିଁଲେ ଆଖି ତାର ଝଲସି ଯାଉଥାଏ । ସୁନା ତ ଏତେ ଉଜ୍ଜ୍ୱଳ ଦିଶେ ନାହିଁ । କି କଣ୍ଢେଇ ଏ ତେବେ ? ମିଯୁକୋ ତାକୁ ଟେକି ଉଠେଇ ଆଣିବାକୁ ଯାଉଛି, ଦେଖିଲା କଣ୍ଢେଇଟା ହାତଗୋଡ଼ ହଲେଇ ତାକୁ ଜୁଳୁଜୁଳୁ କରି ଚାହୁଁଛି । ମିଯୁକୋ ଏତେବେଳେ ଜାଣିଲା ସେ କଣ୍ଢେଇ ନୁହେଁ, ଜୀଅନ୍ତା ଝିଅ ପିଲାଟିଏ । କି ସୁନ୍ଦର ତାର ଗଢ଼ଣ ! କିନ୍ତୁ ଏତେ ଛୋଟ ପିଲାଟିଏ କେଉଁଠୁ ଆସିଲା ! ବିଖଣ୍ଡେ ଲମ୍ବ ହେବନାହିଁ । ସେଇ କୌତୁକିଆ ଜୀଅନ୍ତା କଣ୍ଢେଇଟିକୁ ଯତ୍ନରେ ଧରି ସ୍ତ୍ରୀକୁ ଦେଖାଇବା ପାଇଁ ସେ ଧାଇଁଲା ଘରକୁ । ତା ସ୍ତ୍ରୀ ମଧ୍ୟ ତାକୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲା । ଦୁହେଁ ଆଦରକରି ତାକୁ ନିଜ ଝିଅପରି ପାଳିଲେ ।

ତା ପରଦିନଠାରୁ ମିଯୁକୋର ଭାଗ୍ୟ ବଦଳିଗଲା । ସେ ଯେତେଥର ବାଉଁଶ କାଟିବାକୁ ଗଲା, ପ୍ରତିଥର ବୁଦା ଭିତରୁ ଖଣ୍ଡେ ଖଣ୍ଡେ ସୁନା ପାଇଲା । ଅଳ୍ପ ଦିନରେ ସେ ଧନୀ ହୋଇଗଲା । ଆହୁରି ଆଶ୍ଚର୍ଯ୍ୟର କଥା ଯେ, ସେ କଣ୍ଢେଇ ଝିଅଟି ହୁ' ହୁ'ବଢ଼ି ତିନି ମାସ ଭିତରେ ଗୋଟିଏ ଷୋଳ ବର୍ଷର ଝିଅପରି ଦିଶିଲା । ମିଯୁକୋ ତା ନାଁ ଦେଇଥାଏ 'କାଗୁୟା' ଅର୍ଥାତ୍ ଚନ୍ଦ୍ରପ୍ରଭା ।

Digitized by srujanika@gmail.com

କଥାରେ ଅଛି 'ଚମଢାଇଦ କୋଶେ, ଭୁଣ୍ଡାଇଦ ସହସ୍ର କୋଶ' । ଚନ୍ଦ୍ରପ୍ରଭାର ରୂପଗୁଣର ପ୍ରଶଂସା କ୍ରମେ ଚତୁର୍ଦ୍ଦିଗକୁ ବ୍ୟାପିଗଲା । ତାକୁ ବିଭା ହେବାପାଇଁ ବହୁ ଧନୀପୁତ୍ର ଓ ରାଜକୁମାର ଆସିଲେ, କିନ୍ତୁ ସେ ଏକା ଜିଦ୍ ଧରି ବସିଲା—ଆଦୌ ବିଭା ହବ ନାହିଁ ।

ସେ ମିନା ମନା କଲା, କିନ୍ତୁ ଶୁଣୁଛି କିଏ ? ଏପରି ସୁନ୍ଦରୀ ଓ ଗୁଣବତୀ କନ୍ୟାକୁ ବିଭା ହେବାପାଇଁ କାହାର ବା ଇଚ୍ଛା ନ ହେବ ? ସବୁ ଦିନ କେତେ ନା କେତେ ଆସୁଥାନ୍ତି । ଝିଅର ଜିଦ୍ ଶୁଣି ସମସ୍ତେ ଫେରିଗଲେ, ମାତ୍ର ଚାରିଜଣ ଗଲେ ନାହିଁ । ମିୟାକୋ ବିଚରା ବଡ଼ ଅଡୁଆରେ ପଡ଼ିଲା । ଚନ୍ଦ୍ରପ୍ରଭା ସେ କଥା ବୁଝିପାରି କହିଲା, "ବାପା, ମୋର ଚାରିଟି ଜିନିଷ ଦରକାର । ସେ ଚାରିଜଣଙ୍କୁ କହିଦିଅ, ଯେ ପ୍ରଥମେ ମୋ ଜିନିଷଟି ଆଣିଦେବ ମୁଁ ତାକୁ ବିଭା ହେବି । ଜଣେ ରାଜପୁତ୍ର ଭାରତବର୍ଷରୁ ବୁଦ୍ଧଦେବଙ୍କ ଭିକ୍ଷାପାତ୍ରଟି ଆଣନ୍ତୁ । ଆଉ ଜଣେ ଯାଆନ୍ତୁ ପୂର୍ବ ସମୁଦ୍ରପଟେ ଥିବା ପର୍ବତକୁ । ସେଠାରେ ଯେଉଁ ସୁନାଗଛ ଅଛି ତାର ଚେର ରୂପା ଏବଂ ଫଳସବୁ ମଣିମାଣିକ୍ୟର । ତାର ଗୋଟିଏ ଡାଳ ସେ ଆଣନ୍ତୁ । ଯେଉଁ ମୋଗକୋଣୀ ମୂଷାଙ୍କ ଲୋମରେ ନିଆଁ ଧରେ ନାହିଁ, ସେହି ମୂଷା ଲୋମର ଗୋଟିଏ ପୋଷାକ ତୃତୀୟ ଯୁବରାଜଙ୍କୁ ଆଣିବାକୁ କହ । ଚତୁର୍ଥ ରାଜପୁତ୍ର ଯାଆନ୍ତୁ ସମୁଦ୍ର ରାକ୍ଷସ ମୁଣ୍ଡରେ ଥିବା ସାତରଙ୍ଗୀ ମୁକ୍ତାଟି ଆଣିବେ ।"

ଝିଅ ଯାହା ଯାହା କହିଲା, ମିୟାକୋ ଠିକ୍ ସେହି କଥା ସେ ଚାରିଜଣଙ୍କୁ ଜଣାଇଦେଲା । ତାହା ଶୁଣି ସେମାନେ ଜିନିଷ ଆଣିବାକୁ ଯାଉଛନ୍ତି କହି ଚାଲିଗଲେ । କିନ୍ତୁ ପ୍ରକୃତରେ କେହି କୁଆଡ଼େ ନ ଯାଇ ଯେଝା ଘରକୁ ଫେରିଲେ । ଏତେ କଠିନ କାମ କରୁଛି କିଏ ?

ତିନିବର୍ଷପରେ ପ୍ରଥମ ରାଜପୁତ୍ର ଗୋଟାଏ ପୁରୁଣା ପଥୁରି ଗିନା ଆଣି ମିୟାକୋଙ୍କୁ ଦେଖାଇ କହିଲା, "ମୁଁ ଭାରତବର୍ଷ ଯାଇ ବହୁତ ଖୋଜି ଖୋଜି ଏହାକୁ ଆଣିଛି ।" କିନ୍ତୁ ଚନ୍ଦ୍ରପ୍ରଭା କହିଲା, "ଏ ବୁଦ୍ଧଙ୍କ ଭିକ୍ଷାପାତ୍ର ନୁହେଁ । ତା ହୋଇଥିଲେ ଏଥିରୁ ଦିବ୍ୟ ଆଲୋକ ବାହାରୁଥାନ୍ତା । ଏଥିରେ ସେ ଆଲୋକ କାହିଁ ?" ଦ୍ୱିତୀୟ ବ୍ୟକ୍ତି ସେହିପରି ସୁନାଗଛର ଡାଳ ଦେଖାଇଲା । ସେଥିରେ ମଣିମାଣିକ୍ୟ ଫଳସବୁ ଝୁଲୁଥାଏ । ତାହା ଦେଖି ଚନ୍ଦ୍ରପ୍ରଭା ଦୁଃଖରେ କାତର ହୋଇ ଭାବିଲା, "ଏ ଯଦି ପ୍ରକୃତ ସେଇ ଗଛର ଡାଳ ହୋଇଥିବ, ମୁଁ ବିଭାହେବାକୁ ନାହିଁ କରିବି କେମିତି ?" ସେ ଏହିପରି ଭାବୁଥିବାବେଳେ ପାଞ୍ଚଜଣ ବଣିଆ ଆସି କହିଲେ, "ବହୁ କଷ୍ଟ କରି ଆମେ ସେ ଡାଳଟି ଗଢ଼ିଛୁ । ଆମ ମଜୁରି ଦିଅନ୍ତୁ ।" ଚନ୍ଦ୍ରପ୍ରଭା ରାଜପୁତ୍ରର ଠକାମି ଜାଣିପାରି ଆଶ୍ୱସ୍ତ ହେଲା ଏବଂ ବଣିଆମାନଙ୍କୁ ମଜୁରି ଦେଇ ବିଦାୟ କଲା ।

Digitized by srujanika@gmail.com

ତା ପରେ ଆସିଲା ତୃତୀୟ ଧନୀପୁତ୍ର । ସେ ଗୋଟିଏ ବହୁମୂଲ୍ୟ ଲୋମଶଆର ପୋଷାକ ଆଣିଥିଲା । ଚନ୍ଦ୍ରପ୍ରଭା ସେ ପୋଷାକର ଗୋଟିଏ ପାଖକୁ ନିଆଁରେ ଦେଖାଇବାରୁ ତାହା ପୋଡ଼ିଗଲା । ସ୍ପଷ୍ଟ ଜଣାପଡ଼ିଲା ତାହା ଠକାମି ଜିନିଷ, ମୋରକୋଷି ମୂଷାଲୋମରେ ତିଆରି ହୋଇନାହିଁ । ତେଣୁ ତାକୁ ମଧ୍ୟ ଫେରାଇ ଦିଆଗଲା ।

ଚତୁର୍ଥ ଯୁବକ ଆଦୌ ଆସିଲା ନାହିଁ । ସମୁଦ୍ର ରାକ୍ଷସ ମୁଣ୍ଡରୁ ସାତରଙ୍ଗୀ ମୁକ୍ତା ଆଣିବାକୁ ନିଜେ ନ ଯାଇ ପ୍ରଥମେ ତାର ଲୋକମାନଙ୍କୁ ପଠାଇଥିଲା । ସେମାନେ ବିଫଳ ହୋଇ ଫେରିବାରୁ ସେ ନିଜେ ଗଲା, କିନ୍ତୁ ସମୁଦ୍ରରେ ଏତେ ଢେଉ ଉଠିଲା ଯେ ଜାହାଜ ବୁଡ଼ିଯାଇ-ଥାନ୍ତା । ସେ କୌଣସିମତେ ଜୀବନ ଘେନି ଫେରିଆସିଲା । ତେଣୁ ସେ ଆଉ ଚନ୍ଦ୍ରପ୍ରଭାକୁ ବିବାହ ହେବାର ଆଶା ରଖିଲା ନାହିଁ ।

ତଥାପି ମିୟୁକୋର ଦୁଃଖ ଗଲାନାହିଁ । ଜାପାନର ସମ୍ରାଟ ମିକାଡୋ ଚନ୍ଦ୍ରପ୍ରଭାର ରୂପ-ଲାବଣ୍ୟ କଥା ଶୁଣି ତାକୁ ରାଣୀ କରିବାକୁ ଇଚ୍ଛା କଲେ । ମିୟୁକୋ ପାଖକୁ ଖବର ଦେଲେ, "ଝିଅକୁ ଅତି ଶୀଘ୍ର ରାଜଭବନକୁ ପଠାଅ ।" ସମ୍ରାଟଙ୍କର ଆଦେଶ ଶୁଣି ଚନ୍ଦ୍ରପ୍ରଭା ଜାଣିପାରିଲା ସମ୍ରାଟଙ୍କ ଉଦ୍ଦେଶ୍ୟ । ତା ମୁଣ୍ଡରେ ବଜ୍ର ପଡ଼ିଲା । ସେ କାନ୍ଦି କାନ୍ଦି ତା ବାପକୁ କହିଲା, "ବାପା, ମତେ ଆଦୌ ସେଠାକୁ ପଠାଅନା ।" ମିୟୁକୋ ସେଇ କଥା ସମ୍ରାଟଙ୍କୁ ଜଣାଇଦେଲା ଏବଂ ପ୍ରାର୍ଥନା କରି କହିଲା, "ମୁଁ କଣ କରିବି, ମହିମା ? ଏଠାରୁ ଆସିବାକୁ ଝିଅଟା ଆଦୌ ରାଜି ହେଉନାହିଁ । ତାର ଦୋଷ କ୍ଷମା କରନ୍ତୁ ।"

ସମ୍ରାଟ କହିଲେ, "ତାକୁ କୌଣସିମତେ ରାଜି କରାଅ । ମୁଁ ତୁମକୁ ବଡ଼ ସ୍ୱୀକାର ଓ ଅନେକ ପୁରସ୍କାର ଦେବି ।" କିନ୍ତୁ ସବୁ ବୃଥା ହେଲା । ଚନ୍ଦ୍ରପ୍ରଭା କୌଣସି କଥାରେ ଭୁଲିଲା ନାହିଁ । ପ୍ରିୟ ପିତାମାତାଙ୍କୁ ଛାଡ଼ି ଯିବାକୁ ସେ ଆଦୌ ରାଜି ହେଲା ନାହିଁ ।

Digitized by srujanika@gmail.com

ମିକାଡୋ ଏଥିରେ ରାଗିଗଲେ । ଶିକାର କରିବା ଆଳରେ ସେ ମିୟାକୋ ଘର ନିକଟରେ ତମ୍ବୁ ପକାଇ ଚନ୍ଦ୍ରପ୍ରଭାକୁ ଦେଖିଲେ । ତାକୁ ବାହା ହେବାର ଇଚ୍ଛା ଜଣାଇବାରୁ ସେ କାଁଧ କାଢ ନାହିଁ କରିଦେଲା ଏବଂ ଘରକୁ ପଳାଇବାକୁ ବସିଲା ।

ମିକାଡୋ ଭାବିଥିଲେ, 'ଜୋର ଯାହାର ମୁଲକ ତାହାର' । ସେ ଜାପାନର ସମ୍ରାଟ୍ । ଗୁର ବାଳିକାଟାଏ ତାଙ୍କ କଥା ଅମାନ୍ୟ କରିବ । ସେ ଇଚ୍ଛାକଲେ ତା ସହିତ ତା ବାପମାଆଙ୍କୁ ମଧ୍ୟ ଧରି ନେଇ ପାରିବେ । ଏହିପରି ଭାବି ସେ ଚନ୍ଦ୍ରପ୍ରଭାକୁ ବଳପୂର୍ବକ ଟେକି ନେବାପାଇଁ ସୈନ୍ୟମାନଙ୍କୁ ଆଦେଶ ଦେଲେ । କିନ୍ତୁ ସେ ଗଲା କୁଆଡ଼େ ? ସୈନ୍ୟମାନେ ତା ଦେହରେ ହାତ ନ ଦେଉଣୁ ସେ ଅଦୃଶ୍ୟ ହୋଇଗଲା । ସମ୍ରାଟ ଭୟ ପାଇ ସୈନ୍ୟମାନଙ୍କୁ ଫେରାଇ ନେଲେ ଏବଂ ସେହି ଶୂନ୍ୟ ସ୍ଥାନକୁ ଲକ୍ଷ୍ୟକରି କ୍ଷମା ମାଗିଲେ । ତାଙ୍କର ଦୃଢ଼ ଧାରଣା ହେଲା ଯେ ଚନ୍ଦ୍ରପ୍ରଭା ମାନବୀ ନୁହେଁ । ତାକୁ ବାହା ହେବାକୁ ଆଶା କରିବା ବିପଜ୍ଜନକ ।

ସମ୍ରାଟ ଫେରିଯିବା ପରେ ମିୟାକୋର ପରିବାର ଶାନ୍ତିରେ ଦିନ କାଟିଲେ । କିନ୍ତୁ କିଛିଦିନ ପରେ ଦେଖାଗଲା ଚନ୍ଦ୍ରପ୍ରଭା ମନରେ ସୁଖ ନାହିଁ । ସେ ସବୁବେଳେ କଣ ଭାବୁଛି ଏବଂ ବେଳେ-ବେଳେ ଏକୁଟିଆ ବସି କାନ୍ଦୁଛି । କୃଷ୍ଣପକ୍ଷରେ ଚନ୍ଦ୍ରଙ୍କର କ୍ଷୟ ଘଟିବା ସଙ୍ଗେ ସଙ୍ଗେ ତା ସ୍ୱାସ୍ଥ୍ୟର ମଧ୍ୟ କ୍ଷୟ ଘଟୁଛି । ଦିନେ ଆଖିରୁ ଲୁହ ପୋଛୁ ପୋଛୁ ସେ ମିୟାକୋକୁ କହିଲା, "ବାପା, ଖୁବ୍ ଶୀଘ୍ର ମୁଁ ତୁମ ପାଖରୁ ଚାଲିଯିବି । ମୁଁ ଚନ୍ଦ୍ରକୁମାରୀ, ସ୍ୱର୍ଗରେ ଥିଲି । ଗୋଟାଏ ଭୁଲ କରିବାରୁ ଦଣ୍ଡସ୍ୱରୂପ ମତେ ପୃଥିବୀରେ ଛାଡ଼ି ଦିଆଯାଇଥିଲା । ମୋର ଦଣ୍ଡ ସମୟ ପୂରିଯାଇଛି । ଆସନ୍ତା ପୂର୍ଣ୍ଣିମାଦିନ ସେମାନେ ମତେ ନେବାକୁ ଆସିବେ । କିନ୍ତୁ ବାପା, ଏ ସ୍ଥାନ ମତେ ଏତେ ଭଲଲାଗୁଛି ଯେ ତୁମମାନଙ୍କୁ ଛାଡ଼ିଯିବାକୁ ଆଦୌ ମନ ହେଉନାହିଁ ।" ଏହା ଶୁଣି ମିୟାକୋ ଦୁଃଖରେ କାଠ ପାଲଟିଗଲା । ବାତୁଳଙ୍କପରି ସେ ଧାଇଁଲା ସମ୍ରାଟଙ୍କ ପାଖକୁ ସାହାଯ୍ୟ ପାଇବା ଆଶାରେ । ତା ଅନୁରୋଧ ରକ୍ଷା କରି ମିକାଡୋ କେତେଜଣ ଜଗୁଆଳି ପଠାଇଦେଲେ । ସେମାନେ ଧନୁଶର ଧରି ମିୟାକୋ ଘର ଚାରିପଟେ ଦିନରାତି ଜଗିରହିଲେ ।

ପୂର୍ଣ୍ଣିମା ଦିନ ଆସିଗଲା । ପୃଥିବୀ ଉପରେ ତୋଫା ଜହ୍ନ ଆଲୁଅ ବିଞ୍ଚିହୋଇ ପଡ଼ିଥାଏ । ହଠାତ୍ ଆକାଶରେ ଦେଖାଗଲା ଖଣ୍ଡେ ମେଘ । ସେଇ ମେଘ କ୍ରମେ ତଳକୁ ଖସିବାରେ ଲାଗିଲା । କେତେଜଣ ଜ୍ୟୋତିର୍ମୟ ପୁରୁଷ ସେ ମେଘ ଉପରେ ଗୋଟାଏ ରଥକୁ ଧରି ଠିଆ ହୋଇଥାନ୍ତି । ରଥ ଚାରିପଟେ ପରଦା ପଡ଼ିଥାଏ । ତଳକୁ ଖସି ଖସି ଠିକ୍ ମିୟାକୋ ଘର ଉପରେ ରଥଟା ସ୍ଥିର ହୋଇ ରହିଗଲା ।

ଏ ଅଦ୍ଭୁତ ଦୃଶ୍ୟ ଦେଖି ପ୍ରହରୀମାନେ ଭୟରେ ପଳାଇଗଲେ । ଯେଉଁ କେତେଜଣ ସାହସ

Digitized by srujanika@gmail.com

କରି ରଥ ଉପରକୁ ଶର ମାରିଲେ, ସେମାନଙ୍କ ଶର ଲେଉଟି ଆସି ପୁଣି ବାଜିଲା ତାଙ୍କ ଦେହରେ । ଏତିକି-ବେଳେ ରଥର ପରଦା ଖୋଲିଗଲା ଏବଂ ତା ଭିତରୁ ଗୋଟିଏ ସ୍ୱର ଶୁଣାଗଲା—"ଆସ ଚନ୍ଦ୍ରପ୍ରଭା, ତୁମର ସମୟ ହୋଇଯାଇଛି ।" ପିତା ମାତାଙ୍କ ପାଖରେ ଚନ୍ଦ୍ରପ୍ରଭା ମନ ଦୁଃଖରେ ବସିଥାଏ । ତାର ସାଙ୍ଗ ସାଥୀମାନେ ତାକୁ ଘେରି ବସିଥାନ୍ତି । ଚନ୍ଦ୍ରପ୍ରଭା କାନ୍ଦି କାନ୍ଦି ତା ବାପାକୁ କୁଣ୍ଢାଇ ଧରିଲା । ପୁଣି ଥରେ ଡାକ ଆସିଲା ରଥରୁ । ଏଥର ସେ ଆଉ ରହିପାରିଲା ନାହିଁ; ଯିବାକୁ ଉଠିଲା । ଜଣେ ସ୍ୱର୍ଗଦୂତ ଗୋଟିଏ ପାତ୍ରରେ ତା ହାତକୁ କିଛି ଅମୃତ ବଢ଼ାଇ-ଦେଲେ । ସେଥିରୁ ସେ ନିଜେ କିଛି ପିଇ ଅବଶିଷ୍ଟ ମିୟାକୋକୁ ଦେବାକୁ ଯାଉଥିଲା । ଦେବଦୂତମାନେ ସେଥିରେ ବାଧା ଦେଲେ ।

ତାପରେ ମର୍ତ୍ତ୍ୟବାସର ସମସ୍ତ ସ୍ମୃତି ମନରୁ ଭୁଲିଯିବାପାଇଁ ସେମାନେ ଗୋଟିଏ ଉଜ୍ଜ୍ୱଳ କୁର୍ତ୍ତା ତାକୁ ପିନ୍ଧିବାକୁ ଦେଲେ । ଚନ୍ଦ୍ରପ୍ରଭା ଆଖିରୁ ଲୁହ ପୋଛି ପୋଛି ପିତାମାତାଙ୍କଠାରୁ ଶେଷ ବିଦାୟ ମାଗି କୁର୍ତ୍ତାଟି ପିନ୍ଧିଲା । କୁର୍ତ୍ତାଟି ଦେହରେ ଲାଗିଯିବାମାତ୍ରେ ସେ ସମସ୍ତ ପୂର୍ବ କଥା ଭୁଲିଯାଇ ରଥଉପରକୁ ଚାଲିଗଲା । ପଛକୁ ଥରେ ସୁଦ୍ଧା ଫେରି ଚାହିଁଲା ନାହିଁ । ଆଖି ପିଛୁଳାକେ ସେ ରଥଟା ମହାଶୂନ୍ୟ ମଧ୍ୟରେ ଅଦୃଶ୍ୟ ହୋଇଗଲା । □

ଭକ୍ତର ଭଗବାନ

ବୀର ମରହଟ୍ଟାମାନଙ୍କର ଜନ୍ମଭୂମି ମହାରାଷ୍ଟ୍ର । କିନ୍ତୁ ଏହା କେବଳ ବୀରମାନଙ୍କର ଦେଶ ନୁହେଁ, ବହୁ ସାଧୁ ସନ୍ଥ ଏ ମାଟିରେ ଜନ୍ମ ହୋଇ ଏହାକୁ ପବିତ୍ର କରି ଯାଇଛନ୍ତି । ପଣ୍ଢରପୁର ମହାରାଷ୍ଟ୍ରର ଏକ ପ୍ରଧାନ ତୀର୍ଥ । ଲୋକେ କହନ୍ତି, ଥରେ ଜଣେ ଭକ୍ତର ଅନୁରୋଧ ରକ୍ଷା କରି ଭଗବାନ ଶ୍ରୀକୃଷ୍ଣ ପ୍ରତିମ ରୂପରେ ଏଠାରେ ସବୁଦିନ ପାଇଁ ରହିଗଲେ । ପଣ୍ଢରପୁର-ଠାରେ ତାଙ୍କ ପାଇଁ ଏକ ସୁନ୍ଦର ମନ୍ଦିର ତୋଳା ଯାଇଛି । ସେଠାରେ ଲୋକେ ଏହି ଠାକୁରଙ୍କୁ 'ପଣ୍ଡୁ ରଙ୍ଗ' ଓ 'ବିଠୋବା' ନାମରେ ମଧ୍ୟ ଡାକନ୍ତି । ପ୍ରତିବର୍ଷ ହଜାର ହଜାର ଭକ୍ତ ଆଷାଢ଼ ଓ କାର୍ତ୍ତିକ ଏକାଦଶୀଦିନ ଦେବତାଙ୍କୁ ଦର୍ଶନ କରିବାଲାଗି ସେଠାରେ ରୁଣ୍ଡ ହୁଅନ୍ତି ।

କରହଦ୍ ମହାରାଷ୍ଟ୍ରର ଏକ ଶ୍ରେଷ୍ଠ ସହର । ଯେଉଁଠାରେ କୃଷ୍ଣା ଓ କୟନା ନଦୀଦୁଇଟି ମିଶିଛି ସେଇଠାରେ ଏହି ସହରଟି ଅବସ୍ଥିତ । ପ୍ରାୟ ତିନି ଶହ ବର୍ଷ ତଳେ ଏହି ସହରକୁ ବୋହୂ ହୋଇ ଆସିଥିଲା 'ସଖୁ' । ସେ ଯେଉଁ ଘରକୁ ଆସିଲା, ସେଠାରେ ତାକୁ ଛାଡ଼ି ଆଉ ଥିଲେ ଚାରି-ଜଣ—ତା ଶାଶୂ, ଶଶୁର, ସ୍ୱାମୀ ଓ ଗୋଟିଏ ନଣନ୍ଦ ।

ତୁଳସୀ ଦୁଇପତ୍ରରୁ ବାସିଲାପରି ପିଲାଦିନରୁ ସଖୁ କୃଷ୍ଣଙ୍କର ଜଣେ ବଡ଼ ଭକ୍ତ ପାଲଟିଯାଇଥିଲା । ଶାଶୂ ଘରକୁ ଆସି ବି ସେ ତାର ଇଷ୍ଟଦେବତାଙ୍କୁ ଛାଡ଼ିପାରିଲା ନାହିଁ । ଘରର କାମଦାମସାରି ସେ ପ୍ରତିଦିନ ଠାକୁରଘରକୁ ଯାଇ କିଛି ସମୟ ସେବାପୂଜା କରେ ।

Digitized by srujanika@gmail.com

ଏପରିକି କାମ କରୁଥିଲାବେଳେ ମଧ୍ୟ କେବେକେବେ ଗୁଣୁଗୁଣୁ ହୋଇ ଭଜନ ଗାଉଥାଏ । କିନ୍ତୁ ତା ଦୁର୍ଭାଗ୍ୟକୁ ତା ଶାଶୁଘର ଲୋକେ କେହି ତାର ଏ ଢଙ୍ଗ ପସନ୍ଦ କଲେ ନାହିଁ । ଶାଶୁ ସବୁବେଳେ ରାଗରେ ଗରଗର ହୁଏ । ନଣନ୍ଦ ତାର ସବୁ କାମରେ ଦୋଷ ବାଛେ । ଦିନେ ସେ ତା ମାଆକୁ କହିଲା, "ମା, ତୁ ତ ଭଲ ବୋହୂଟିଏ ଆଣିଛୁ ! ସେ ମାତାଜୀଙ୍କ ପରି ଠାକୁର ଘରେ ଜପତପ କରିବ, ମୁଁ କାମ କରି କରି ମରିବି । ବାଃ ।" ଏକଥା ଶୁଣି ସଖୁର ଶାଶୁ କି ଆଉ ଥୟ ଧରେ ? ଦିନେ ସଖୁ ଠାକୁର ପୂଜା କରୁଥିବାବେଳେ ତା ଶାଶୁ ରଣଚଣ୍ଡୀ ମୂର୍ତ୍ତି ଧରି ସେ ଘରକୁ ପଶିଗଲା ଏବଂ ତା ଚୁଟିକୁ ଧରି ସେଠାରୁ ଘୋଷାରି ଆଣିଲା । କହିଲା, "ତୁ ତ ଏଠି ବସିବୁ, ତେବେ ରନ୍ଧାବଢ଼ା କରିବ କିଏ, ବାସନ ମାଜିବ କିଏ ? ତୋ ପଣ୍ଡୁରଙ୍ଗ ଠାକୁର ଏ କାମସବୁ କରିଦେବ କି ? ଏଇକ୍ଷଣି ଯାଉଛି ତୋ ଠାକୁରକୁ ଖତଗଦାରେ ଫୋପାଡ଼ି ଦେବି ।" ଏହା କହି ସେ ଦେବମୂର୍ତ୍ତିକୁ ଧରି ଖତଗଦାକୁ ଛାଟିଦେଲା । ସଖୁ ଯେତେ ନେହୁରା ହୋଇ କହିଲା, "ମା, ମା, ସେ କଥା କରନା" ଚଣ୍ଡୀ ଶାଶୁ କିଛି ଶୁଣିଲା ନାହିଁ ।

ସଖୁର ସ୍ୱାମୀ ସବୁ ଶୁଣି ଚୁପ୍ ରହେ । କିନ୍ତୁ ତା ଶାଶୁ ଓ ନଣନ୍ଦ ସବୁବେଳେ ତା ସଙ୍ଗେ ଜୋକ ପରି ଲାଗିଥାନ୍ତି । ତାକୁ ରାନ୍ଧିଆସେ ନାହିଁ, ବାସନ ମାଜିଆସେ ନାହିଁ, ଶେଯ ପକାଇ ଆସେ ନାହିଁ, କିଛି କାମ ଆସେ ନାହିଁ । ସବୁ କାମରେ ସେ ଭୁଲ କରେ । କୌଣସି ଉତ୍ତର ନ ଦେଇ ସଖୁ କେବଳ ଭଗବାନଙ୍କୁ ଡାକେ, "ହେ ପ୍ରଭୁ, ଏ ଲାଞ୍ଛନା ସହିବାକୁ ମୋ ମନରେ ବଳ ଦିଅ ।"

ଦିନକର କଥା ସାଇର ଜଣେ ସ୍ତ୍ରୀଲୋକ ସାଙ୍ଗରେ ସଖୁ ଯାଉଥାଏ ନଈରୁ ପାଣି ଆଣିବାକୁ । ଠିକ୍ ସେତିକବେଳେ

Digitized by srujanika@gmail.com

ଦଳେ ଭକ୍ତ ନାମଭଜନ କରି କରି ପଣ୍ଡୁରଙ୍ଗ ଠାକୁରଙ୍କୁ ଦର୍ଶନ କରିବାକୁ ପନ୍ଧରପୁର ଯାଉଥା'ନ୍ତି । ତାଙ୍କୁ ଦେଖି ସଖୁର ମନ ଅଥୟ ହୋଇ ଉଠିଲା । ଏ ସୁଯୋଗ ଛାଡ଼ିବାର ନୁହେଁ । ସେ ନିଶ୍ଚୟ ଏଇମାନଙ୍କ ସାଙ୍ଗରେ ଯାଇ ତାର ପ୍ରାଣର ଦେବତାଙ୍କୁ ଦର୍ଶନ କରି ଆସିବ । ପଡ଼ୋଶୀ ସ୍ତ୍ରୀ ଲୋକଟିକୁ କହିଲା, "ଅପା, ମୋ ଶାଶୁଙ୍କୁ ଟିକିଏ କହିଦବ ମୁଁ ଏମାନଙ୍କ ସାଙ୍ଗରେ ପନ୍ଧରପୁର ଯାଉଛି । ଠାକୁର ଦର୍ଶନସାରି ଫେରିଆସିବ ।"

ଶାଶୁ ଯେମିତି ଏ ଖବର ପାଇଲା, ରାଗରେ ଗର୍ଜିଉଠି ପୁଅକୁ କହିଲା, 'ହଇରେ ଅପଦାର୍ଥ ତୋ ଘରିଆ ତେଣେ ଗଲାଣି ତୀର୍ଥ କରିବାକୁ, ଜାଣିଛୁ ? ଭଦ୍ରଭ୍ରାନ୍ତ ନ ଥିଲେ ଲୋକ ଏମିତି ହୁଅନ୍ତି । କାହାକୁ କହି ଗଲା ସେ ? ବୁଝିଁଛୁ କଣ ରେ ବୋକା । ଯା, ତାକୁ ସାଙ୍ଗ ସଙ୍ଗେ ଫେରାଇଆଣ । ନଇଲେ ତୀର୍ଥରୁ ଫେରିଲେ ସେ ଛତରଖାଈକୁ ଆଉ ଏ ଘରେ ପୂରାଇ ଦେବି ନାହିଁ ।"

ପୁଅ ନାହିଁର । ମା କଥା ଅନୁସାରେ ଯାଇ ସଖୁକୁ ଟାଣି ଟାଣି ଭକ୍ତମାନଙ୍କ ମେଳରୁ ଭିଡ଼ି ଆଣିଲା । ତାକୁ ଆଣି ସେ ଯେମିତି ଘରେ ପହଞ୍ଚିଲା, ତା ମା ଦା'ନ୍ତ କଡ଼ମଡ଼ କରି କହିଲା, "ଗୋଟାଏ ଖୁଣ୍ଟରେ ତାକୁ ବାନ୍ଧିଦେ । ଦେଖିବି କୋଉଁ ଠାକୁର ତାକୁ ରକ୍ଷା କରିବ । ଖବରଦାର, କେହି ତାକୁ ଖାଇବାକୁ ଦେବନାହିଁ । ଏତେ ସାହସ ଯେ କାହାକୁ କିଛି ନ କହି ପଳେଇଚି ତୀର୍ଥ କରିବାକୁ ! ଆମକୁ କଣ ଘାସକଟା କରି ପାଇଛି ସେ ।"

ସଖୁକୁ ତା ସ୍ୱାମୀ ଭିଡ଼ିନେଇ ଖୁଣ୍ଟରେ ବାନ୍ଧିଦେଲା । ତାହା ଦେଖି ତା ନଣନ୍ଦ ଛଳେଇ କରି କହୁଥାଏ, "ଭାଉଜ, ଏଥର ବହୁତ ସମୟ ମିଳିବ, ପଣ୍ଡୁରଙ୍ଗ ସାଙ୍ଗରେ ମନ ଭରି ରଙ୍ଗ କରୁଥାଅ । ଆଉ ଚିନ୍ତା କଅଣ ?"

ଉତ୍ତର ଦେବାକୁ ସଖୁ ଇଚ୍ଛା କରୁ ନ ଥିଲା । ତା ଆଖି ଲୁହରେ ଧୂଆଯୋଇଥାଏ । ସେ କେବଳ ମନେ ମନେ ଈଶ୍ୱରଙ୍କୁ ଡାକୁଥାଏ, "ହେ ପ୍ରଭୁ, ଏ ଜୀବନରେ କଣ ତୁମ ଦର୍ଶନ ଟିକିଏ ପାଇବି ନାହିଁ ?"

ପନ୍ଧରପୁର ଦେବମନ୍ଦିର ଭିତରେ ମହାପ୍ରଭୁଙ୍କର ମନୋହର ମୂର୍ତ୍ତି ଦେଖି ଭକ୍ତମାନେ ବିଭୋର ହେଉଥାନ୍ତି । ଶ୍ରୀକୃଷ୍ଣଙ୍କ ପାଖରେ ଠିଆ ହୋଇଛନ୍ତି ରୁକ୍ମିଣୀ । ଭକ୍ତର ଆକୁଳ ଡାକ

Digitized by srujanika@gmail.com

ପ୍ରଭୁଙ୍କ କାନରେ ବାଜିଲା । ସେ ବିଚଳିତ ହୋଇପଡ଼ିଲେ । ରୁକ୍ମଣୀ କାରଣ ପଚାରିବାରୁ ସେ କହିଲେ, "ମୋର ଭକ୍ତ ସଖୁ ମୋତେ ଡ଼ାକୁଛି । ମୁଁ ଯାଉଛି ସେଠାରେ ରହି ତାକୁ ଏଠାକୁ ପଠାଇଦେବି ।" ମୁହୂର୍ତ୍ତକ ପାଇଁ ସଖୁର ଆଖି ଆଗରେ ଝଲସି ଉଠିଲା ଶ୍ରୀକୃଷ୍ଣଙ୍କ ଦିବ୍ୟମୂର୍ତ୍ତି । ସେ ଭାବିଲା, "ମୁଁ ସପନ ଦେଖୁଛି ନା କଅଣ ?" ତେଣେ ଯେଉଁ ଭକ୍ତମାନେ ପଣ୍ଢରପୁର ଯାଇଥିଲେ, ସେମାନେ ମନ୍ଦିରରେ ଠାକୁର ଦର୍ଶନ କଲାବେଳେ କୁହାକୁହି ହେଉଥାନ୍ତି, "ଆହା ବିଚାରି ସଖୁ ! କେଡ଼େ ଆଗ୍ରହରେ ଆସୁଥିଲା ସେ ଠାକୁରଙ୍କୁ ଦେଖିବ ବୋଲି ! ତା ଭାଗ୍ୟରେ ନାହିଁ ।"

ଖୁଣ୍ଟରେ ବନ୍ଧା ହୋଇଛି ସଖୁ । ଦେଖିଲା ଜଣେ ନାରୀ ମୂର୍ତ୍ତି ତା ଆଗରେ ଉଭାହୋଇ ତାର ବନ୍ଧନ ଖୋଲି ଦେଉଛନ୍ତି ଏବଂ କହୁଛନ୍ତି, "ପଣ୍ଢରପୁର ଚାଲିଯାଅ ଭଉଣୀ । ତୁମେ ଠାକୁର ଦର୍ଶନ କରି ଫେରିବା ପର୍ଯ୍ୟନ୍ତ ମୁଁ ଏଇଠି ତୁମ ଜାଗାରେ ରହିଥିବି ।" ଆନନ୍ଦ ଓ ବିସ୍ମୟରେ ଅଧୀର ହୋଇ ସଖୁ କହିଲା, "ଧନ୍ୟବାଦ ଭଉଣୀ । ପଣ୍ଢରିର ଠାକୁର ନିଶ୍ଚୟ ତୁମକୁ ଏଠାକୁ ପଠାଇଛନ୍ତି । କିନ୍ତୁ ବିଳମ୍ବ ଦେଖି ବ୍ୟସ୍ତ ହେବନାହିଁ । ମୁଁ କଥା ଦେଉଛି ଶୀଘ୍ର

ଫେରି ଆସିବି ।" ବନ୍ଧନରୁ ମୁକ୍ତ ହୋଇ ଇଷ୍ଟଦେବଙ୍କୁ ସ୍ମରଣ କରି କରି ସଖୁ ଚାଲିଲା ପଣ୍ଢରପୁର ।

ଭଗବାନ ଭକ୍ତର ଦୁଃଖ ସହି-ପାରନ୍ତି ନାହିଁ । ସଖୁର ଡାକ ଶୁଣି ନିଜେ ଶ୍ରୀକୃଷ୍ଣ ଆସି ବନ୍ଧା ପଡ଼ିଛନ୍ତି ତା ଘରେ । ମୁହୂର୍ତ୍ତକ ଭିତରେ ରୂପ ବଦଳାଇ ଠିକ୍ ସଖୁପରି ହୋଇଗଲେ ସେ । ଯେଉଁ ଘରେ ସ୍ୱୟଂ ଭଗବାନ ବିଜେ କରିଛନ୍ତି, ସେଠାରେ ଖଳବୁଦ୍ଧି ଓ ପାପଚିନ୍ତାର ସ୍ଥାନ କାହିଁ ? ସଖୁ

ପରିବାରର ସମସ୍ତଙ୍କ ମନ ବଦଳି ଯାଇଛି । ଶାଶୂ କହୁଛନ୍ତି, "ବୋହୂକୁ ଏଥର ଫିଟାଇ ଦିଅ ।" ଶଶୁର କହୁଛନ୍ତି, "ତାକୁ ଶୀଘ୍ର କିଛି ଖାଇବାକୁ ଦିଅ ।" ସ୍ୱାମୀ ଫିଟାଇ ଦେବାକୁ ଯାଇ ସ୍ତ୍ରୀକୁ କ୍ଷମା ମାଗୁଛି । ଲୀଳାମୟ ପ୍ରଭୁ ନାରୀରୂପରେ ଘରର ସବୁ କାମ କରିଯାଉଛନ୍ତି । ଏଣିକି ଆଉ କାହାର ଓଜର ଆପତ୍ତି ନାହିଁ । ଓଲଟି ସମସ୍ତଙ୍କ ତୁଣ୍ଡରେ ବୋହୂର ପ୍ରଶଂସା । ଶଶୁର କହନ୍ତି, "ବୋହୂକୁ ଏଥର ବଢ଼ିଆ ରନ୍ଧା ଆସିଲାଣି ।" ନଣନ୍ଦ କହେ, "ଭାଉଜ, ଏତେ ଶୀଘ୍ର ମୋ ଗାଧୋଇବାପାଇଁ ପାଣି ରଖିଦେଲେଣି ?" ଶାଶୂର ବି ଠିକ୍ ସେଇପରି କଥା । "ବୋହୂକୁ ମୋର ଏମିତି ଗୋଡ଼ ଘଷି ଆସେ ବୋଲି ମୁଁ ଜାଣି ନ ଥିଲି ।"

ତେଣେ ପଣ୍ଢରପୁର ମନ୍ଦିରଭିତରେ ଭକ୍ତମାନଙ୍କର ଭିଡ଼ ଜମିଯାଇଛି । ସଖୁ ଗୋଟିଏ କଡ଼ରେ ଠିଆହୋଇ ଏକ ଲୟରେ ଚାହିଁ ରହିଛି ତା ପ୍ରାଣର ଦେବତାଙ୍କୁ । ଦର୍ଶନ ସାରି ଲୋକମାନେ ଚାଲିଗଲେ, ମାତ୍ର ସେ ଗଲା ନାହିଁ । ସେଇଠାରେ ବସି ରହିଲା । ତା ଆଖିରୁ ଆନନ୍ଦର ଅଶ୍ରୁ ଧାର ଧାର ହୋଇ ବହିଯାଉଥାଏ । "ହେ ପ୍ରଭୁ । ମୋର ଆଶା ଏତେଦିନକେ ପୂର୍ଣ୍ଣ ହୋଇଛି; ମୋର ଆଉ କିଛି ଲୋଡ଼ା ନାହିଁ । ଏହା କହୁ କହୁ ତାର ଆଖିଦୁଇଟି ବୁଜି ହୋଇ ଆସିଲା ଏବଂ ସେ ସେଇଠାରେ ଟଳିପଡ଼ିଲା ।

ଯେତେବେଳେ ମନ୍ଦିର କବାଟ ପୁଣି ଫିଟିଲା, ଭକ୍ତମାନେ ଦେଖିଲେ ବେଢ଼ା ଭିତରେ ଗୋଟିଏ ନାରୀର ଶବ । କିଏ ଏହି ଭାଗ୍ୟବତୀ—ଦେବତାଙ୍କୁ ଦର୍ଶନ କରୁ କରୁ ଚିରକାଳଲାଗି ଆଖି ବୁଜିଦେଇଛି ? ଶବକୁ ଚିହ୍ନଟ କରିବାପାଇଁ ଯାତ୍ରୀମାନେ ଜମା ହୋଇପଡ଼ିଲେ । ଲୋକ ଗହଳିଭିତରୁ କରହାଦ ସହରର ଜଣେ ବୟସ୍କ ବ୍ରାହ୍ମଣ କହିଲେ, "ଆରେ, ଏ ତ ଆମ ସାଇର ସଖୁ । ବିଚରାକୁ ତା ଶାଶୂଶଶୁର ଛାଡ଼ୁ ନ ଥିଲେ, କିନ୍ତୁ ଠାକୁରଙ୍କ ଡୋରି ତାକୁ କୌଣସିମତେ ଟାଣିଆଣିଛି । ଯେତେହେଲେ ସେ ତ ମୋର ପଡ଼ୋଶୀ । ମୁଁ ତାର ଶବସଂସ୍କାରର ସମସ୍ତ ବ୍ୟବସ୍ଥା କରିଦେବି ।" ପଣ୍ଢରପୁର ଶ୍ମଶାନରେ ସଖୁର ଶବଦାହ କରି ଭକ୍ତମାନେ ଯେଝା ଘରକୁ ଫେରିଗଲେ ।

ମନ୍ଦିର ଭିତରେ ରୁକ୍ମିଣୀ ଏକୁଟିଆ ରହି ଭାବୁଛନ୍ତି, "ସଖୁ ବଦଳରେ ସ୍ୱାମୀ ମୋର ବନ୍ଧା ପଡ଼ିଛନ୍ତି ତା ଘରେ । ତେଣୁ ସଖୁ ତା ଘରକୁ ଫେରି ନ ଗଲେ ସେ ଆସିବେ କିପରି ?

Digitized by srujanika@gmail.com

ସଖୁକୁ ବଞ୍ଚାଇବାକୁ ହେବ ।” ଏହା ଭାବି ସେ ଶ୍ମଶାନକୁ ଯାଇ ଚିତା ଭସ୍ମ ଉପରେ ଅମୃତ ଛିଞ୍ଚିଦେଲେ । ସଖୁ ଉଠି ଠିଆ ହେଲା । ରୁକ୍ମଣୀ ତାକୁ କହିଲେ , “ଯା ମା, ତୋ ଘରକୁ ଏଥର ଯା ।” କହୁ କହୁ ଦେବୀ ଅଦୃଶ୍ୟ ହୋଇଗଲେ । ମନ୍ଦିର ଉଦ୍ଦେଶ୍ୟରେ ପ୍ରଣାମ ଜଣାଇ ପ୍ରଫୁଲ୍ଲ ମନରେ ସଖୁ ଫେରିଲା ଘରକୁ ।

କର୍‌ହଦ ସହରର ନଈକୂଳରେ ପହଞ୍ଚି ସଖୁ ଦେଖିଲା ତାର ସେଇ ନାଗବନ୍ଧୁଙ୍କୁ, ଯେ ତା ବନ୍ଧନ ଖୋଲିଦେଇଥିଲେ । ସଖୁକୁ ଡାକି ସେ କହିଲେ, “ନିଅ ଭଉଣୀ, ଏ ପାଣି କଳସୀ ନେଇ ଘରକୁ ଯାଅ । ମୁଁ ପାଣି ନେବାକୁ ଆସିଥିଲି, ଆଉ ଯିବି କାହିଁକି ? ମତେ ଏଥର ଛୁଟି ଦିଅ ।” ଏତିକି କହି ସେ ଅନ୍ୟ ବାଟରେ ତରତର ହୋଇ ଚାଲିଗଲେ । ସଖୁ ମନେ ମନେ ଭାବୁଥାଏ, “ଏ ଦୟାବନ୍ତ ନାଗଜଣଙ୍କ କିଏ । ମୋ ସଙ୍ଗେ ଏହାଙ୍କର କେଉଁ ଜନ୍ମରେ କି ସମ୍ପର୍କ ଥିଲା କେଜାଣି ।”

ଘରଭିତରେ ପାଦ ଦେଉଁ ଦେଉଁ ସେହି ବୟସ୍କ ବ୍ରାହ୍ମଣଙ୍କ ସଙ୍ଗେ ସଖୁର ହଠାତ୍ ଭେଟ ହୋଇଗଲା । ଏହି ଭଦ୍ରବ୍ୟକ୍ତି ନିଜ ହାତରେ ସଖୁର ଶବ ଦାହ କରାଇ ସାରି ଘରକୁ ଟିକିଏ ଆଗରୁ ଫେରି ଆସିଥିଲେ । ସେ ଯାଉଥିଲେ ସଖୁର ମୃତ୍ୟୁ ଖବର ତା ଶାଶୁଶଶୁରଙ୍କୁ ଦେବାପାଇଁ । କିନ୍ତୁ ଏ କଣ ! ସଖୁ, ନା ସଖୁର ପ୍ରେତକୁ ସେ ଦେଖୁଛନ୍ତି ! ସେ କେବଳ ତାଙ୍କୁ ବଲବଲ କରି ଚାହିଁ ରହିଥାନ୍ତି । ଏହା ଦେଖି ସଖୁର ଶାଶୁ କହିଲେ, “ମଉସା, ସେ ପରା ମୋ ବୋହୂ ସଖୁ । ଚିହ୍ନିପାରୁନାହିଁ ତାକୁ ।” ବ୍ରାହ୍ମଣ କହିଲେ, “ମୁଁ କଣ ସଖୁକୁ ଚିହ୍ନିନାହିଁ ? ସେ ତ ଖାଲି ତୁମ ବୋହୂ ନୁହେଁ, ଆମର ଜଣେ ଭକ୍ତସାଥୀ । ତା ପରି ଭାଗ୍ୟବନ୍ତ କିଏ ଅଛି ? କିନ୍ତୁ ଯେ ପାଣି ନେଇ ଭିତରକୁ ଗଲା ସେ କିଏ ।”

ଶାଶୁ କହିଲେ, ‘ତୁମେ ବାଉଳାଙ୍କ ପରି କଣ କଥା କହୁଛ, ମଉସା ? ସେ ପରା ସେଇ ସଖୁ ।”

ବ୍ରାହ୍ମଣ ଥକା ହୋଇ ବସିପଡ଼ିଲେ । କହିଲେ, “କିଏ ବାଉଳା ମୁଁ ବୁଝିପାରୁନାହିଁ— ତୁମେ ନା ମୁଁ । ସଖୁ ପରା ଯାଇଥିଲା ପନ୍ଢରପୁର ? ମନ୍ଦିରବେଢ଼ା ଭିତରେ ତାର ଦେହାନ୍ତ ହୋଇଗଲା । ମୁଁ ନିଜ ହାତରେ ତାକୁ ଶ୍ମଶାନରେ ଦାହ କରି ଆସିଛି ।”

ସଖୁର ଶାଶୁ, ଶଶୁର, ସ୍ୱାମୀ ସମସ୍ତେ ବ୍ରାହ୍ମଣ ମଉସାଙ୍କୁ ଭଲ କରି ଜାଣନ୍ତି । ସେ

Digitized by srujanika@gmail.com

କେବେ ଏଣୁ ତେଣୁ ଗପନ୍ତି ନାହିଁ । କଥାରେ ଜୋର୍ ଦେଇ ଶଶୁର କହିଲେ, "ସେ ଯାଉଥିଲା ସତ, କିନ୍ତୁ ଆମେ ତାକୁ ଅଧ ବାଟରୁ ଫେରାଇ ଆଣିଲୁ । ସେ ବରାବର ଆମ ପାଖରେ ଅଛି । ପନ୍ଧରପୁର ଗଲା କେଉଁଦିନ ? ସଖୁକୁ ଡାକି ପଚାରୁନାହିଁ ?"

ଶାଶୁ ଡାକି ସମସ୍ତଙ୍କ ଆଗରେ ସଖୁକୁ ପଚାରିବାରୁ ସେ କହିଲା, "ହଁ ମା, ମୁଁ ଯାଇଥିଲି । ଆଜି ତ ଏଇ ସେଠାରୁ ଫେରୁଛି ।" ତା ପରେ ସେ ଖୁଣ୍ଟରୁ ଫିଟିବାଠାରୁ ଏପର୍ଯ୍ୟନ୍ତ ଯାହା ଯାହା ଘଟିଥିଲା ସମସ୍ତ ଘଟଣା କହିଗଲା । କହୁ କହୁ ତା ଆଖି ଲୁହରେ ଛଳଛଳ ହୋଇଗଲା । "ଏ ସବୁ ସେଇ ଦୟାମୟଙ୍କର କୃପା, ମା ।"

ଶାଶୁ, ଶଶୁର, ନଣନ୍ଦ ଓ ସ୍ୱାମୀ ପରସ୍ପରକୁ ଚାହିଁଲେ । ଶଶୁର କହିଲେ, "ମହାପ୍ରଭୁ ତେବେ ସଖୁରୂପରେ ଆମ ଘରେ ରହି ଏତେ କାମ କରୁଥିଲେ ! ମୋ ଶେଯ ପାରି ଦେଉଥିଲେ, ମୋ ପାଇଁ ଗାଧୁଆ କୁଣ୍ଡରେ ପାଣି ଭର୍ତ୍ତି କରି ଦେଉଥିଲେ ! ଛି ଛି, କି ଲଜ୍ଜାର କଥା ! ଆମେ ଯେଉଁ ପାପ କରିଛୁ, ସେଥିରୁ ଉଦ୍ଧାର ନାହିଁ ।" ଶାଶୁ କହିଲେ, "ସବୁଠାରୁ ବେଶୀ ପାପ ମୋର । ଠାକୁରଙ୍କୁ ଗୋଡ଼ ଘଷେଇଛି ।" ନଣନ୍ଦ କହିଲା, "ମୋ ପରି ପାଷଣ୍ଡ କିଏ ଅଛି ?" ସଖୁ କହିଲା, "ଦୁଃଖ କରନ୍ତୁ ନାହିଁ, ମା । କ୍ଷମାର ସାଗର ସମସ୍ତଙ୍କୁ କ୍ଷମା ଦେବେ ।"

ଶଶୁର କହିଲେ, "ତୋ ଯୋଗୁ ଆମେ ଧନ୍ୟ ହୋଇଛୁ, ମା । ଏ ଘରର ଧୂଳିମାଟି ପବିତ୍ର ହୋଇଛି ।" ସେହିଦିନଠାରୁ ସଖୁ ହେଲା ସମସ୍ତଙ୍କର ପ୍ରିୟ, ସମସ୍ତଙ୍କର ଶ୍ରଦ୍ଧାଭକ୍ତିର ପାତ୍ର । ତା ଘର ହେଲା ମହାରାଷ୍ଟ୍ରର ତୀର୍ଥଭୂମି ।

ସଖୁ ଆଜି ସ୍ୱର୍ଗଧାମରେ, କିନ୍ତୁ ମହାରାଷ୍ଟ୍ରବାସୀଙ୍କ ମନରେ ତାଙ୍କର ପୁଣ୍ୟ ସ୍ମୃତି ଚିର ଉଜ୍ଜ୍ୱଳ ହୋଇ ରହିଛି ଓ ରହିଥିବ ।

Digitized by srujanika@gmail.com

'ଏକା ପାହାରକେ ସାତଟା'

ବହୁବର୍ଷ ପୂର୍ବେ ଟିକମ୍ ନାମରେ ଜଣେ ଲୋକ ଥିଲା । ତାର ଜନ୍ମସ୍ଥାନ କେଉଁଠି କାହାକୁ ଜଣା ନଥିଲେ ସୁଦ୍ଧା ଏ କଥା ଠିକ୍ ଯେ ସେ ଗୋଟିଏ ଗାଁରେ ରହୁଥିଲା ଏବଂ ଦରଜୀ କାମ କରି ପେଟ ପୋଷୁଥିଲା । ଦିନେ ସେ ଖଣ୍ଡେ କୁର୍ତ୍ତା ସିଲେଇ କରୁଥିବାବେଳେ ଦାଣ୍ଡରେ ଛେନାବାଲାର ପାଟି ଶୁଭିଲା । ଛେନା ଗୁଡ଼ ଚକଟା ସଙ୍ଗେ ରୁଟି ଖାଇବାକୁ ତାକୁ ଖୁବ ଭଲ ଲାଗେ । ସେଦିନ ମନ ଖୁସି ଥିବାରୁ ସେ ଦି'ଖଣ୍ଡ ଛେନା କିଣିଲା । ଖଣ୍ଡେ ରଖିଦେଇ ଆଉଖଣ୍ଡ ଗୁଡ଼ରେ ଚକଟି ରୁଟି ଉପରେ ଥୋଇଲା । ଭାବିଲା ହାତ ଧୋଇ ବାକି ଥିବା ସିଲେଇ କାମ ସାରିଦେବ ଏବଂ ନିଶ୍ଚିନ୍ତ ହୋଇ ଖାଇବସିବ । କିନ୍ତୁ ତାହା ହୋଇପାରିଲା ନାହିଁ । ଭୁଁ ଭୁଁ ପଲେ ମାଛି ସେ ଛେନାଉପରେ ଭିଡ଼ ଜମେଇ ଦେଲେ, ସତେ ଯେମିତି ନିମନ୍ତ୍ରଣ ପାଇ ବାହାଘର ଭୋଜିକୁ ଆସିଛନ୍ତି । ଟିକମ୍ ମନରେ ରାଗ ହେଲା । ସେଇ ଦରହିଲେଇ କୁର୍ତ୍ତାଟିକୁ ଧରି ସେ ପକେଇଲା ଏକ ପାହାର ମାଛିଙ୍କ ଉପରେ । କୁର୍ତ୍ତା ଉଠେଇଲା ବେଳକୁ ଛେନା ଚକଟା ତ ବଞ୍ଚ ହୋଇ ପଡ଼ିଛି ସାତଟା ମାଛି ମରି ତଳେ ପଡ଼ିଛନ୍ତି । ଗୋଟାଏ କି ଦି'ଟା ନୁହେଁ, ସାତଟା ।

ଟିକମ୍ ଭାବିଲା, ଏକା ପାହାରକେ ସାତଟା ମାରି-ଦେଲି । ଏ ତ କମ୍ କଥା ନୁହେଁ । ମୋର ଏତେ ବଳ ଅଛି ବୋଲି ଧାରଣା ନ ଥିଲା । ଯାଉଛି ଖଣ୍ଡେ କନାରେ ଏଇ କଥାଟି ସିଲେଇ କରି ଲେଖିଦେବି ଏବଂ ତାକୁ ଅଣ୍ଟାରେ ବାନ୍ଧି ବୁଲିବି । ଦେଖିବି କିଏ କଣ କହୁଛି ।"

Digitized by srujanika@gmail.com

ଏହିପରି ଭାବି ସେ ସିଲେଇ କରି ବସିଲା । କମରପଟିଟା ଅଣ୍ଟାରେ ବାନ୍ଧି ଦର୍ପଣରେ ଦେଖିଲା । "ବାଃ ! କି ଚମତ୍କାର ! ନାଲି କନାରେ ଧଳା ଅକ୍ଷର ବଢ଼ିଆ ଦିଶୁଛି । ମତେ ଯେଉଁମାନେ 'କୁଅବେଙ୍ଗ' କହି ଥଟ୍ଟା କରୁଥିଲେ, ସେମାନେ ଏଥର ଜାଣିବେ ମୁଁ ପ୍ରକୃତରେ କଣ— କୁଅବେଙ୍ଗ ନା ମହାବଳି ।" ଏହିପରି ମଧୁର କଳ୍ପନା କରି ସେ ଉଠିଲା । ଖାଇବାକୁ ଧୈର୍ଯ୍ୟ ନ ଥିଲା ତାର । ରାତିକୁ ରଖିଥିବା ଛେନାଖଣ୍ଡିକ ପତରରେ ଗୁଡ଼ାଇ ପକେଟରେ ପୂରାଇଲା ଏବଂ ଘରେ ତାଲା ଦେଇ ତା ମାପ ଫିତା ଓ କଇଁଚିଟା ଧରି ବାହାରିପଡ଼ିଲା ।

କିଛି ବାଟ ଗଲାପରେ ଟିକମ୍ ଦେଖିଲା ଗୋଟାଏ ବଣିଚଢ଼େଇ କଣ୍ଟା ବୁଦାରେ ପଡ଼ି ଛଟପଟ ହେଉଛି । ସେ ଚଢ଼େଇଟାକୁ ଯତ୍ନରେ ବାହାର କରି ଅନ୍ୟ ପକେଟରେ ପୂରାଇଲା ଏବଂ ଗୀତ ଗାଇ ଗାଇ ଆଗକୁ ଚାଲିଲା । ଏ ପର୍ଯ୍ୟନ୍ତ କେହି ତା କମରପଟି ଦେଖିଲେ ନାହିଁ ବୋଲି ତା ମନରେ ବଡ଼ ଦୁଃଖ । ଯାଉଁ ଯାଉଁ ସେ ଏକ ଜଙ୍ଗଲ ପାଖରେ ପହଞ୍ଚିଲା । ଦେଖିଲା ଖଣ୍ଡେ ବଡ଼ ପଥର ଉପରେ ବସି ଅସୁରଟାଏ ତାକୁ ଚାହିଁଛି । ଟିକମ୍ ଭାବିଲା ମୁଁ ସିନା ତା'ପରି କଳୁଆ ନୁହେଁ ମୋର ବୁଦ୍ଧି ତ ଅଛି । ମୁଁ ଶୁଣିଛି ଅସୁରଗୁଡ଼ାକ ନପଟ ବୋକା । ତାକୁ ଡରିବ କାହିଁକି ? ବଡ଼ ପାଟିରେ ଡାକି କହିଲା, "ମଉସା, ଆସ ବୁଲିଯିବା । ଖାଲିଟାରେ ବସିଛ କାହିଁକି ?"

ଅସୁର କହିଲା, "ତୋ ସାଙ୍ଗେ ବୁଲିଯିବି, ହଇରେ ପେଚୁ ? ଖୁବ୍ ସାହସ ତ ତୋର ଦେଖୁଛି ।" "କଣ କହିଲ ମତେ ? ପେଚୁ ? ତୁମେ ମୋ ପ୍ରତାପ ଜାଣିନାହିଁ ବୋଲି ଏପରି କହୁଛ । ଏଇ ଦେଖ ଏଠି କଣ ଲେଖା ରହିଛି ।" ଏହା କହି ଟିକମ୍ ତା କୁର୍ତ୍ତା ବୋତାମ ଖୋଲିଦେଲା ।

ଅସୁର ଦେଖିଲା ସେ ଲେଖାଟାକୁ—'ଏକାପାହାରକେ ସାତଟା' । କହିଲା, "ତୋ ଦେହରୁ ତ ସେମିତି କିଛି ଜଣା ପଡୁନାହିଁ । ବଳର ପ୍ରମାଣ ଦେଲେ ସିନା ହେବ । ହେଇ ଦେଖ୍ ତୁ ଏମିତି କରିପାରିବୁ ।' ଏହା କହୁଁ କହୁଁ ଅସୁରଟା ଗଛରୁ ଗୋଟାଏ ଡାଳ ଭାଙ୍ଗିଆଣି ମୋଡ଼ିଦେବାରୁ ସେଥିରୁ ପାଣି ବାହାରି ପଡ଼ିଲା ।

"ତୁମେ ତ ଦୁଇହାତରେ କାଠଟାଏ ମୋଡ଼ିଲ । ଦେଖ ମୁଁ ଗୋଟିଏ ହାତରେ ପଥର ଖଣ୍ଡେ ଚିପି ସେଥିରୁ ପାଣି ବାହାର କରିଦେବି ।" ଏହା କହି ଟିକମ୍ ପକେଟରୁ ଛେନାଖଣ୍ଡିକ

Digitized by srujanika@gmail.com

ବାହାର କରି ଚିପୁଡ଼ି ଦେବାରୁ ସେଥିରୁ କେତେଟୋପା ପାଣି ବୋହିପଡ଼ିଲା । ତାହା ଦେଖି ଅସୁର ଟିକିଏ ଦବିଯାଇ କହିଲା , "ହୁଁ, ଦେଖିଲି ତୋର ବଳ ଅଛି । ଆଚ୍ଛା, ଆଉ ଗୋଟାଏ ପରୀକ୍ଷା କରିବା । " ଏହା କହି ସେ ଚକ୍ଳୁ ଖଣ୍ଡେ ପଥର ଗୋଟେଇ ଆଣି ଖୁବ୍ ଜୋର୍‌ରେ ଆକାଶକୁ ଛାଟି ଦେଇ କହିଲା, "ଦେଖ୍ ତୁ ଏତେ ଦୂରକୁ ଟେକା ମାରିପାରିବୁ !"

ଟିକମ୍ କହିଲା, "ତୁମ ପଥର ଅବଶ୍ୟ ଖୁବ୍ ଦୂରକୁ ଗଲା, କିନ୍ତୁ ସେଇଁଠି ହେଲେ ତଳକୁ ଖସିପଡ଼ିବ । ମାତ୍ର ମୁଁ ଯେଉଁ ଟେକାମାରିବି, ସେ ମୋଟେ ଖସିବ ନାହିଁ ।" ଏହା କହି ସେ ପକେଟରୁ ଚଢ଼େଇଟାକୁ ବାହାର କରି ଜୋର୍‌ରେ ଆକାଶକୁ ଛାଟିଦେଲା । ଚଢ଼େଇ ବନ୍ଧନରୁ ମୁକ୍ତି ପାଇ ଆନନ୍ଦରେ ଉଡ଼ି ଉଡ଼ି ଆକାଶରେ ଅଦୃଶ୍ୟ ହୋଇଗଲା ।

ଅସୁର ମନ ଏଥର ଆଉ ଟିକିଏ ଦବିଗଲା । ସେ ଭାବିଲା, 'ଲୋକଟା ହାତରେ ଖୁବ୍ ବଳୁଆ ତ ! ଥରେ ତାକୁ ହରେଇ ନ ଦେଲେ ହବନାହିଁ ।' ପାଖରେ ଗୋଟାଏ ବରଗଛ ଉପୁଡ଼ି ପଡ଼ିଥିଲା । ତାକୁ ଦେଖାଇ ସେ କହିଲା, "ଏ ଗଛଟାକୁ ଯଦି ମୋ ସାଙ୍ଗରେ ବୋହି ନେଇ ପାରିବୁ, ତେବେ ଜାଣିବି ତୋ ଅଣ୍ଟାରେ ଯାହା ଲେଖା ଅଛି, ତାହା ସତ ।"

Digitized by srujanika@gmail.com

"ହଉ ଧର ତେବେ । ତୁମେ ମୂଳଆଡ଼ୁ ଧରି ଆଗରେ ଚାଲ । ମୁଁ ଏ ଓଜନିଆ ପଛ-ପଟଟା ଧରୁଛି । ଅସୁର ଗଛର ମୂଳଟା କାନ୍ଧେଇଲା, ଟିକମ୍ ପଛରେ ଚଢ଼ି ଗୋଟାଏ ଡାଳ ଉପରେ ବସିଲା । ଅସୁରକୁ ଜଣାନାହିଁ ଯେ ସେ ଗଛ ସାଙ୍ଗରେ ଟିକମ୍‌କୁ ବି ବୋହି ବୋହି ନେଉଛି । କିଛି ବାଟ ଯାଇ ସେ କହିଲା, "ମୋ କାନ୍ଧକୁ କାଟିଲାଣି, ଏଇଠି ଥୁଇଲି ମୁଁ । ଶୁଭୁଛି ?" ଟିକମ୍ ଏହା ଶୁଣୁ ଶୁଣୁ ତଳକୁ ଡେଇଁପଡ଼ି ଗୋଟାଏ ଡାଳରେ କାନ୍ଧ ଲଗେଇଦେଲା । ଅସୁର ପଛକୁ ଚାହିଁବାରୁ ସେ ତାକୁ କହିଲା, "ଛି ଛି ! ଏତିକ ବାଟ ଆସୁ ଆସୁ ତୁମେ ଥକି ପଡ଼ୁଛ ? ମତେ କିନ୍ତୁ ଟିକିଏ ମାତ୍ର ବାଧା ହୋଇନାହିଁ ।"

ବୋକା ଅସୁରଟା ତା ଫିକର ବୁଝି ନ ପାରି ଭାବିଲା, 'ଏ ଗେଟମ୍ ଖଣ୍ଡିକ ମତେ ତ ବଡ଼ ଅପମାନ ଦେଲା । ଏହାକୁ ଆଜି ରାତିରେ ଶେଷ ନ କଲେ ଆଉ ରକ୍ଷା ନାହିଁ ।' ଏହାପରେ ଭାବି ସେ ଟିକମ୍‌କୁ କହିଲା, "ଚାଲ ପୁଅ, ଆଜି ରାତିରେ ଆମ ଘରେ ଖିଆପିଆ କରିବ ।"

ପାହାଡ଼ ଗୁମ୍ଫା ଭିତରେ ତା ସାଙ୍ଗ ଅସୁର ଦୁଇଟା ଖାଇବେ ବୋଲି ମାଂସ ପୋଡ଼ୁଥିଲେ । ଟିକମ୍ ସେମାନଙ୍କ ସଙ୍ଗେ ମିଶି ଖାଇଲା । ତାକୁ ଗୋଟାଏ ଅଲଗା ଖଟିଆ ଦେଖାଇଦେଇ ସେମାନେ ଶୋଇବାକୁ ଗଲେ । କିନ୍ତୁ ଚତୁର ଟିକମ୍ ସେଥିରେ ନ ଶୋଇ ଗୁମ୍ଫା କଣକୁ ଯାଇ ତଳେ ଶୋଇଲା । ରାତି ଅଧରେ ଜଣେ ଅସୁର ଲୁହା ଶାବଳଟାଏ ଆଣି ଖଟିଆ ଉପରେ ଦେଲା ଏକ ଜୋରସ ପାହାର । 'ପେଗୁଟା ଏଇଥର ଶେଷ ପାଇଛି' ମନେ ମନେ କହି ସେ ଶୋଇବାକୁ ଗଲା । କିନ୍ତୁ ତା ପରଦିନ ସକାଳେ ଦେଖାଗଲା ଟିକମ୍ ମନଖୁସିରେ ଗୀତ ବୋଲୁଛି । ତାହା ଦେଖି ସେମାନଙ୍କର ଏତେ ଭୟ ହେଲା ଯେ ପ୍ରାଣ ବିକଳରେ ଯେ ଯୁଆଡ଼େ ପଳାଇଲେ ।

ଟିକମ୍ ଏଥର ଚାଲିଲା ସହର ଆଡ଼େ । କ୍ଲାନ୍ତ ହୋଇ ସେ ଗୋଟାଏ ବଡ଼ କୋଠା ଛାଇରେ ବସି ବସି ଘୁମେଇ ପଡ଼ିଲା । କେତେକ ଲୋକ ସେ ବାଟେ ଯାଉଥିଲେ । ଜଣେ ତାକୁ ଦେଖି କହିଲା, "କେହି ମାଗଣାଟାଏ ଶୋଇଛି ।" ଆଉ ଜଣେ ତା କମରପଟିକୁ ଚାହିଁ କହିଲା, "ଦେଖିଲଣି ଏଠି କଣ ଲେଖାହୋଇଛି—'ଏକା ପାହାରକେ ସାତଟା' । ଏ ବୋଧହୁଏ ଜଣେ ପହିଲମାନ, ରାଜାଙ୍କ ଆଗରେ ଖେଳ ଦେଖାଇବାକୁ ଆସିଛି ।"

ଯୋଗକୁ ସେତିକବେଳେ ରାଜା ସେ ବାଟେ ଆସୁଥିଲେ । ରାସ୍ତାରେ ଲୋକ ଜମା ହୋଇଥିବାର କାରଣ ପଚାରିବାରୁ ସିପାହୀ କହିଲା, "ଜଣେ ବଡ଼ ବୀର ସେଠାରେ ଶୋଇଛି । ତାକୁ ସମସ୍ତେ ଦେଖୁଛନ୍ତି ।" ପାଟିତୁଣ୍ଡ ଭିତରେ ଟିକମ୍‌ର ନିଦ ଭାଙ୍ଗିଗଲା । ସେ ଶୁଣିଲା ରାଜା ତା

Digitized by srujanika@gmail.com

ସଙ୍ଗେ କଥାବାର୍ତ୍ତା ହେବାକୁ ଚାହୁଁଛନ୍ତି । ସେ ଖୁସି ହୋଇ ରାଜାଙ୍କ ପାଖକୁ ଗଲା । ରାଜା ତାକୁ କହିଲେ, "ମୁଁ ଶୁଣୁଛି ତୁମେ ଜଣେ ବଡ଼ ବୀର । ଏକା ପାହାରକେ ସାତଜଣଙ୍କୁ ମାରିଦେଇଛ ?" ଟିକମ୍ ତା କମରବନ୍ଧକୁ ଦେଖାଇ କହିଲା, "ତା ତ ଲେଖା ରହିଛି ଏଠାରେ, ଦେଖନ୍ତୁ । ଏହାଠୁଁ ଆହୁରି ବଡ଼ ବଡ଼ କାମ କରିଛି, ହଜୁର ।"

ରାଜା କହିଲେ, "ତେବେ ଠିକ୍ ଅଛି । ତୁମକୁ ମୋ ସୈନ୍ୟଦଳରେ ଭର୍ତ୍ତି କରିବି । ରହିବ ?" ଟିକମ୍ ବା ନାହିଁ କରିବ କାହିଁକି ? ବଳେ ବଳେ ମିଳୁଛି ରାଜାଘର ଚାକିରି, କିଏ ଛାଡ଼େ ? ସେଇଦିନଠାରୁ ତା ଭାଗ୍ୟ ବଦଳିଗଲା । ତା ପାଇଁ ବଢ଼ିଆ ପୋଷାକ, ଖାଦ୍ୟପେୟ ଏବଂ ସ୍ୱତନ୍ତ୍ର ଘର ରାଜା ଖଞ୍ଜିଦେଲେ । ଏହା ଦେଖି ରାଜ୍ୟର ପୁରୁଣା ସୈନ୍ୟମାନେ ତାଙ୍କୁ ଈର୍ଷା କଲେ । ସେମାନେ ସ୍ଥିର କଲେ ରାଜାଙ୍କ ଆଗରେ ଆପତ୍ତି କରିବେ । ସେମାନେ କେତେ କେତେ ଯୁଦ୍ଧରେ ପ୍ରାଣମୂର୍ଚ୍ଛା ଲଢ଼େଇ କରିଛନ୍ତି । ଅଥଚ ଟିକମ୍ କିଛି ନ କରି ତାଙ୍କଠାରୁ ଅଧିକ ସୁବିଧା ପାଇଛି । ଏ ଅନ୍ୟାୟର ପ୍ରତିକାର ନ କଲେ ସେମାନେ ଚାକିରି ଛାଡ଼ିବାକୁ ବାଧ୍ୟ ହେବେ ।

ରାଜା ମହା ଅଡୁଆରେ ପଡ଼ିଲେ । ଏତେ ଦିନର ପୁରୁଣା ସୈନ୍ୟମାନଙ୍କୁ ସେ କିପରି ଛାଡ଼ିବେ ? ଭାବି ଭାବି ସେ ଏକ ଉପାୟ ସ୍ଥିର କଲେ । ଟିକମ୍‌କୁ ଡକାଇ ରାଜା କହିଲେ, "ତୁମେ ଜଣେ ବଡ଼ ବୀର ବୋଲି ମୁଁ ତୁମକୁ ରଖିଛି । କିନ୍ତୁ ଏପର୍ଯ୍ୟନ୍ତ ତୁମ ବୀରତ୍ୱର କିଛି ପ୍ରମାଣ ମୁଁ ପାଇନାହିଁ । ଏ ସହରଠାରୁ କିଛି ଦୂରରେ ଅବଦଲ୍ ଓ ଗବଦଲ୍ ନାମରେ ଦୁଇଟା ଅସୁର

Digitized by srujanika@gmail.com

ଅଛନ୍ତି । ସେମାନେ ମୋ ପ୍ରଜାମାନଙ୍କୁ ଘାରି ହଇରାଣ କରୁଛନ୍ତି । କୌଣସି ସୈନ୍ୟ ସେମାନଙ୍କ ଆଗକୁ ଯିବାକୁ ସାହସ କରୁନାହାନ୍ତି । ତୁମେ ସେମାନଙ୍କୁ ମାରିପାରିବ ?"

"ନିଶ୍ଚୟ ପାରିବ, ହଜୁର । ମୁଁ ସେଇଭଳି କେତେ ଗବଦଲଙ୍କୁ ସାବାଡ଼ କରି-ଦେଇଛି ।"

ରାଜା କହିଲେ, "ମୁଁ ଶହେଜଣ ଘୋଡ଼ସବାର ସିପାହୀ ତୁମ ସଙ୍ଗେ ପଠାଇବି । ସେମାନେ ତୁମକୁ ସାହାଯ୍ୟ କରିବେ ।"

"କାହାର ସାହାଯ୍ୟ ମୋର ଦରକାର ନାହିଁ ଆଜ୍ଞା । ସେମାନେ ଯଦି ଯିବେ, ଜଙ୍ଗଲ ବାହାରେ ରହନ୍ତୁ । ମୁଁ ଏକା ସେ ଅସୁରଙ୍କୁ ଭେଟିବି ।"

ତାର ଦମ୍ଭ ଦେଖି ରାଜା ଯେତିକି ଆଶ୍ଚର୍ଯ୍ୟ ହେଲେ, ସେତିକି ଆନନ୍ଦିତ ମଧ୍ୟ ହେଲେ । ତାକୁ କହିଲେ, "ଯଦି ତୁମେ ଯେ ଅସୁର ଦୁଇଟାଙ୍କୁ ମାରି ଦେଇପାରିବ, ତେବେ ମୋ ଝିଅକୁ ତୁମ ସଙ୍ଗେ ବିବାହ ଦେବି ଏବଂ ରାଜ୍ୟରୁ ଅଧେ ଦେବି ।"

ଏହା ପରଦିନ ଟିକମ୍ ଚାଲିଲା ସେ ବଣ ଭିତରକୁ । ସିପାହୀମାନେ ବାହାରେ ଅପେକ୍ଷା କରି ରହିଲେ । ବଣରେ ଟିକମ୍

ଶୁଣିଲା ଗୋଟାଏ ଘଡ଼ଘଡ଼ ଶବ୍ଦ । ଆଗକୁ ଯାଇ ଦେଖିଲା ଦୁଇଟା ବିରାଟ ଅସୁର ବରଗଛ ମୂଳେ କୁମ୍ଭୀର ପରି ଶୋଇ ଘୁଙ୍ଗୁଡ଼ି ମାରୁଛନ୍ତି । ସେ କିଛି ପଥର ଢେଲା ସଂଗ୍ରହ କରି ଧୀରେ ଧୀରେ ଗଛ ଉପରକୁ ଉଠିଲା ଏବଂ ପତ୍ରଗହଳରେ ଲୁଚି ବସିଲା । ଆଗ ଗୋଟିଏ ଅସୁର ମୁହଁକୁ ଲକ୍ଷ୍ୟ କରି ଗୁଡ଼ାଇଲା ଏକ ଢେଲା । ଗବଦଲ ନିଦରୁ ଉଠି ତା ସାଙ୍ଗକୁ ଧକ୍କାଟାଏ ମାରି କହିଲା, "କାହିଁକି ମୋତେ ମାରିଲୁ ?" "ମୁଁ କେତେବେଳେ ତତେ ମାରିଲି ବେ ପାଜି, ସପନ ଦେଖିଥିବୁ", ଏହା କହି ଅବଦଲ ତାକୁ ଲଗେଇଲା ବିଧାଏ । ଏହିପରି ଠେଲାପେଲା ହୋଇ ଦୁହେଁ ପୁଣି ଶୋଇଲେ ।

କିଛି ସମୟ ପରେ ଆଉ ଗୋଟିଏ ଢେଲା ଗୁଡ଼ାଇଲା ଟିକମ୍ । ଏଥର ଅବଦଲ ଉପରକୁ । ସେ ଉଠିପଡ଼ି ତା ସାଙ୍ଗକୁ ଗୋଇଠାଟାଏ ମାରି କହିଲା "ତତେ ଦଇବ ଗୁଡ଼ାଉଣି କରେ ?" ଏହିପରି ଦୁଇତିନିଥର ଢେଲାମାଡ଼ ଖାଇବା ପରେ ଦୁହେଁ ଉଠି ଧରାପରା ହେଲେ । ଦୁଇ ଅସୁରଙ୍କ ଭିତରେ ଲାଗିଗଲା ଭୀଷଣ ଲଢ଼େଇ । ବିଧା, ଗୋଇଠା, ମୁଥ ଶବ୍ଦରେ ବଣ ଗୋଟାକ କମ୍ପି-ଉଠିଲା । ଶେଷରେ କାମୁଡ଼ାକାମୁଡ଼ି ହୋଇ ଦୁହେଁ ଯାକ ମଲେ ।

କିଛି ସମୟ ଅପେକ୍ଷା କରି ଟିକମ୍ ଗଛରୁ ଓହ୍ଲାଇଲା ଏବଂ ତା କଇଁଚିରେ ସେ ଦୁହିଁଙ୍କ ଟୋଲକୁ ଦଶ ପନ୍ଦର ଜାଗା ପୁଟେଇ ଦେଇ ବଣ ବାହାରେ ଅପେକ୍ଷା କରିଥିବା ସିପାହୀମାନଙ୍କୁ ଡାକିଲା । ସେମାନେ ସେ ଅଦ୍ଭୁତ ଦୃଶ୍ୟ ଦେଖି ଅବାକ୍ ହେଲେ ।

ରାଜା ଯେତେବେଳେ ଏ ଖବର ଶୁଣିଲେ, ସେ ପ୍ରଥମେ ବିଶ୍ୱାସ କଲେ ନାହିଁ । ନିଜେ ବଣକୁ ଯାଇ ଦେଖିଆସିବା ପରେ ତାଙ୍କର ସନ୍ଦେହ ଦୂର ହେଲା । ଏହା ପରେ ଟିକମ୍ ତାର ପୁରସ୍କାର ମାଗିଲା । ରାଜା ପ୍ରଥମେ ରାଜି ହେଉ ନ ଥିଲେ, ମାତ୍ର 'ଏକା ପାହାରକେ ସାତଟା' ମାରିବାବାଲାକୁ ଫାଙ୍କିବାକୁ ତାଙ୍କର ସାହସ ହେଲାନାହିଁ । ଟିକମ୍ ରାଜା ଝିଅକୁ ବିଭା ହୋଇ ଅଧେ ରାଜ୍ୟ ନେଇ ମହାସୁଖରେ ରହିଲା । ତା କଥା ପଡ଼ିଲେ ଗାଁ ଲୋକେ କହନ୍ତି—

ଧନ୍ୟ ସେ ଟିକମ୍ ଦରଜୀ ଟୋକା,
ଦୁନିଆଁ ଲୋକଙ୍କୁ କରିଛି ବୋକା,
ଖାଇ ପଣେ ମାରି ସାତଟା ମାଛି,
ବାହାହେଲା ରଜା ଝିଅକୁ ବାଛି,
ହାଏ ରେ ହାଏ,
କିସ ଏ ଜୀବନେ ଦେଖା ନ ଯାଏ !

Digitized by srujanika@gmail.com

ଛାତ୍ରଛାତ୍ରୀମାନଙ୍କ ପାଇଁ ଉଚ୍ଚମାନର ମାସିକ ପତ୍ରିକା

ସଂସାର

ଏକ ବର୍ଷ ପାଇଁ ଗ୍ରାହକ ମୂଲ୍ୟ ୪୦ ଟଙ୍କା

●

ପିଲାଙ୍କ ଉପଯୋଗୀ ଛଅଟି ଗଳ୍ପ ସିରିଜ୍‌ର

ଅନ୍ୟାନ୍ୟ ସଚିତ୍ର ଗଳ୍ପ ବହି ବିକ୍ରୀ ପାଇଁ ପ୍ରସ୍ତୁତ ଅଛି ।

*   *   *   *   *

ପ୍ରତିଖଣ୍ଡର ମୂଲ୍ୟ ଟ ୪.୦୦

ଅଗ୍ରିମ ସହ ଅର୍ଡ଼ର ଦେବାକୁ ବ୍ୟବସାୟୀମାନଙ୍କୁ ଅନୁରୋଧ ।

ସଂସାର ପ୍ରେସ, ତେଲେଙ୍ଗାବଜାର, କଟକ-୭୫୩୦୦୯

ମୂଲ୍ୟ— **୫ ଟଙ୍କା**

Digitized by srujanika@gmail.com